

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
e-paper www.sambadkalika.in
TM
ସମ୍ବାଦ କଳିକା
The Sambad Kalika
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00



E-mail : sambadkalikanews@gmail.com

● ବର୍ଷ–୩୩ ● ସଂଖ୍ୟା–୨୨୮ ● ୧୭ ସେପ୍ଟେମ୍ବର ୨୦୨୬ ଗୁରୁବାର ● ଭୁବନେଶ୍ୱର ● Vol -33 ● Issue-228 ● 17th September 2026, Thursday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27

## ଦେଶର ୫୧ତମ ଡପ୍‌ଲର ରାଡାର୍ ଲୋକାର୍ପିତ

# ୯୬୦ କୋଟିର ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ

**ସମ୍ବଲପୁର/ଭୁବନେଶ୍ୱର, ୧୬।୯**
**ନ୍ୟୁଜ୍ ବ୍ୟୁରୋ**

ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବଲପୁର ଗସ୍ତରେ ଜିଲ୍ଲାବାସୀଙ୍କୁ ଏକାଧିକ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ସମ୍ବଲପୁରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଠାରେ ଆୟୋଜିତ ଏକ ଭବ୍ୟ ସମାରୋହରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମ୍ବଲପୁର ଏବଂ ସମଗ୍ର ପଶ୍ଚିମ ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ପାଇଁ ଅତ୍ୟାଧୁନିକ 'ମେକ୍ ଇନ୍ ଇଣ୍ଡିଆ' ଡପ୍‌ଲର ପାଣିପାଗ ରାଡାର୍‌ର ଶୁଭାରମ୍ଭ କରିବା ସହ ପ୍ରାୟ ୯୬୦ କୋଟି ଟଙ୍କାର ୫୦ଟି ଗୁରୁତ୍ୱପୂର୍ଣ୍ଣ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି।



ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସମ୍ବଲପୁର ହେଉଛି ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରାର ପ୍ରତୀକ ଏବଂ 'ସମୃଦ୍ଧ ଓଡ଼ିଶା ୨୦୩୬' ଗଠନ ସଂକଳ୍ପରେ ସମ୍ବଲପୁର ହେଉଛି ରାଜ୍ୟ ସରକାରଙ୍କ ବିକାଶ ଯାତ୍ରାର ମୁଖ୍ୟ କେନ୍ଦ୍ର।

ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣର ଆରମ୍ଭରେ ମା' ସମଲେଶ୍ୱରୀ, ବୀର ସୁରେନ୍ଦ୍ର ସାଏ, ଶହୀଦ ମାଧୋ ସିଂ, ଛବିଲ ସାଏ, ସନ୍ଥକବି ଭୀମଭୋଇ ଓ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେ କହିଥିଲେ ଯେ ସମ୍ବଲପୁରୀ ଭାଷା, ସଂସ୍କୃତି, ଗୀତ ଓ ଶାଢ଼ୀ ସମଗ୍ର ଆଞ୍ଚଳିକ ପରିଚୟର ଗୌରବ। ବୁଧବାର ଉଦ୍‌ଘାଟିତ ଓ ଶିଳାନ୍ୟାସ ହୋଇଥିବା ୯୬୦ କୋଟି ଟଙ୍କାର ପ୍ରକଳ୍ପ ମଧ୍ୟରେ ୧୩୩.୪୭ କୋଟି ଟଙ୍କାର ୧୫ଟି ସମ୍ପୂର୍ଣ୍ଣ ପ୍ରକଳ୍ପର ଲୋକାର୍ପଣ ଏବଂ ୮୨୫.୮୩ କୋଟି *(ପୃଷ୍ଠା ୭ରେ)*

## ଇପିଏଫ୍‌ଓରେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି

# ଦରମା ସୀମା ୨୫ ହଜାର ଟଙ୍କାକୁ ବୃଦ୍ଧି

**ନୂଆଦିଲ୍ଲୀ, ୧୬।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟରେ କର୍ମଚାରୀ ଭବିଷ୍ୟ ନିଧି ପାଣ୍ଠି ବା ଇପିଏଫଓ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ବାଧ୍ୟତାମୂଳକ ଭାବେ ଇପିଏଫଓ ସୀମା ବୃଦ୍ଧି ପାଇଁ ଦେଇଥିବା ପ୍ରସ୍ତାବ ଉପରେ କ୍ୟାବିନେଟ ମୋହର ମାରିଛି।



କେନ୍ଦ୍ର କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ କେନ୍ଦ୍ର ଆଇଟି ଓ ରେଳବାଇ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗଣମାଧ୍ୟମକୁ ବିସ୍ତୃତ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, କର୍ମଚାରୀ ଭବିଷ୍ୟ ନିଧି ପାଣ୍ଠି ଓ କର୍ମଚାରୀ ପେନସନ ସ୍କିମ(ଇପିଏସ୍) ସୀମାକୁ ବାଧ୍ୟତାମୂଳକ ଭାବେ ୧୫ ହଜାର ଟଙ୍କାରୁ ୨୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଇପିଏଫର ୧୫ ହଜାର ଦରମା ସୀମା ୨୦୧୪ ସେପ୍ଟେମ୍ବର ୧ରୁ ବଳବତ୍ତର ରହିଥିଲା। ଏବେ ୧୨ ବର୍ଷ ପରେ କେନ୍ଦ୍ର ସରକାର ଏହାକୁ ୨୫ ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି। ଏବେ ଯେଉଁ ସଂଗଠିତ କର୍ମଚାରୀଙ୍କ ଦରମା ୧୫ରୁ ୨୫ ହଜାର ଟଙ୍କା ମଧ୍ୟରେ ରହିଛି, ସେମାନେ ବାଧ୍ୟତାମୂଳକ ଭାବେ ଇପିଏଫ ଓ ଇପିଏସ୍ ଯୋଜନା ମଧ୍ୟରେ ରହିବେ।

ବର୍ତ୍ତମାନ ମାସିକ ୧୫,୦୦୦ ଟଙ୍କାରୁ ଅଧିକ ବେତନରେ ନୂଆ ଚାକିରିରେ ଯୋଗ ଦେଉଥିବା କର୍ମଚାରୀ ଆପେ ଆପେ ଇପିଏଫ ବ୍ୟବସ୍ଥାରେ ସାମିଲ ହୁଅନ୍ତି ନାହିଁ। ଏଥିଯୋଗୁ ସେମାନେ ବାଧ୍ୟତାମୂଳକ ଭବିଷ୍ୟନିଧି, ପେନ୍‌ସନ୍ ଓ ଏହା ସହ ଜଡ଼ିତ ବୀମା ସୁବିଧାରୁ ବାହାରେ ରୁହନ୍ତି।

ବେତନ ସୀମା ୨୫,୦୦୦ ଟଙ୍କାକୁ ବୃଦ୍ଧି ଯୋଗୁ ୧୫,୦୦୦ରୁ ୨୫,୦୦୦ ଟଙ୍କା ବେତନ ପାଉଥିବା କର୍ମଚାରୀ ବାଧ୍ୟତାମୂଳକ ଭାବେ ସାମାଜିକ ସୁରକ୍ଷା ବ୍ୟବସ୍ଥାରେ ସାମିଲ *(ପୃଷ୍ଠା ୭ରେ)*

## ସୁଭଦ୍ରା ଯୋଜନାର ୨ ବର୍ଷ ପୂର୍ତ୍ତି

# ଆଜି ଘରେ ଘରେ ଦୀପ ଜାଳିବାକୁ ଉପମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

**ଭୁବନେଶ୍ୱର, ୧୬।୯**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ 'ସୁଭଦ୍ରା' ଯୋଜନାର ସଫଳ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଗୁରୁବାର ସନ୍ଧ୍ୟା ୬ଟାରୁ ୭ଟା ମଧ୍ୟରେ ରାଜ୍ୟର ପ୍ରତ୍ୟେକ ଘରେ ଦୀପ ପ୍ରଜ୍ୱଳନ କରିବାକୁ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି, ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଆହ୍ୱାନ ଦେଇଛନ୍ତି। ବୁଧବାର ଲୋକସେବା ଭବନସ୍ଥିତ ବିଭାଗୀୟ ସମ୍ମିଳନୀ କକ୍ଷରେ



ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ସୁଭଦ୍ରା ଯୋଜନାର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଗତ ଦୁଇ ବର୍ଷ ମଧ୍ୟରେ ୫ଟି କିସ୍ତି ଜରିଆରେ ୧ କୋଟି ୩ ଲକ୍ଷରୁ ଅଧିକ ମହିଳାଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ୨୫,୮୦୦ କୋଟି ଟଙ୍କା ସହାୟତା ହସ୍ତାନ୍ତର କରାଯାଇଛି। ଆଇଆଇଏମ୍ ସମ୍ବଲପୁର, *(ପୃଷ୍ଠା ୭ରେ)*

## ୟୁପିଆଇ ପେମେଣ୍ଟ ଉପରେ ଏମଡିଆର ଶୁଳ୍କ ସାଧାରଣ ଗ୍ରାହକଙ୍କ ଉପରେ ପ୍ରଭାବ ପକାଇବ ନାହିଁ : ଆରବିଆଇ

**ନୂଆଦିଲ୍ଲୀ, ୧୬।୯**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) କହିଛି ଯେ, ୨,୦୦୦ ଟଙ୍କାରୁ ଅଧିକ ୟୁପିଆଇ ନେଣଦେଣ ଉପରେ ୦.୪ ପ୍ରତିଶତ ଶୁଳ୍କ (ଏମଡିଆର) ଲାଗୁ କରିବା ଭାରତର ଡିଜିଟାଲ *(ପୃଷ୍ଠା ୭ରେ)*

# ସମ୍ଭାବ୍ୟ ବାତ୍ୟା ନେଇ କୌଣସି ଆକଳନ ହୋଇନି : ଆଇଏମଡି ଡିଜି

**ଭୁବନେଶ୍ୱର, ୧୬।୯ : ନ୍ୟୁଜ୍ ବ୍ୟୁରୋ**

ସମ୍ଭାବ୍ୟ ବାତ୍ୟାକୁ ନେଇ କୌଣସି ଆକଳନ ହୋଇନାହିଁ ବୋଲି ସ୍ପଷ୍ଟ କରିଛନ୍ତି ଆଇଏମଡି ଡିଜି ଡ. ମୃତ୍ୟୁଞ୍ଜୟ ମହାପାତ୍ର। ସେ କହିଛନ୍ତି ଯେ କେବଳ ଲଘୁଚାପ କ୍ଷେତ୍ର ସୃଷ୍ଟି ନେଇ ଆକଳନ ହୋଇଛି। ୧୯ ତାରିଖ ବେଳକୁ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପଶ୍ଚିମ ଉତ୍ତରପଶ୍ଚିମ ଦିଗକୁ ଗତି କରି ୨୩ ବେଳକୁ ଉପକୂଳ ଛୁଇଁପାରେ। ଏହାର ପ୍ରଭାବରେ ଉତ୍ତର ଆନ୍ଧ୍ର ପ୍ରଦେଶ ଓ ଦକ୍ଷିଣ ଓଡ଼ିଶାରେ ବର୍ଷା ହେବାର ସମ୍ଭାବନା ରହିଛି। ଲଘୁଚାପ କ୍ଷେତ୍ର ସୃଷ୍ଟି ପୂର୍ବରୁ ବାତ୍ୟା ଆକଳନ କରିବା ଠିକ୍ ନୁହେଁ। ବହୁ ଆଗରୁ ଆକଳନ କଲେ ତାହା ସଠିକ୍ ହୋଇ ନ ଥାଏ ବୋଲି ସେ କହିଛନ୍ତି। ବାତ୍ୟା ଆକଳନରେ ଆଇଏମଡି ସାରା ବିଶ୍ୱରେ ଅଦ୍ୱିତୀୟ। ତେଣୁ କୌଣସି ସଂସ୍ଥାର ବାତ୍ୟା ଆକଳନରେ କେହି ଆତଙ୍କିତ ନହେବାକୁ ଆଇଏମଡି ଡିଜି ପରାମର୍ଶ ଦେଇଛନ୍ତି।

33001/35/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

କୋଟିଏ ମୁହଁରେ ହସ - ମହିଳା ନେତୃତ୍ୱର ବିକାଶ - ସମୃଦ୍ଧିର ସଂକଳ୍ପ
୨୫,୮୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା
ମହିଳାଙ୍କୁ କରୁଛି ସଶକ୍ତ ଓ ସ୍ୱାବଲମ୍ବୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସୁଭଦ୍ରା ଯୋଜନାର ୨ ବର୍ଷ ପୂର୍ତ୍ତି ଉତ୍ସବ
୧୭ ସେପ୍ଟେମ୍ବର ୨୦୨୬



ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର
OIPR : 33001/33001/2/26-27/0007

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୭ ସେପ୍ଟେମ୍ବର, ୨୦୨୬ ଗୁରୁବାର





# ନିଶା କବଳରେ ଯୁବପିଢି:ଜିଲ୍ଲାରେ ବଢୁଛି ଚୋରା ମଦ, ଗଞ୍ଜେଇ, ବ୍ରାଉନ୍ ସୁଗାର ବ୍ୟବସାୟ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାରେ କୌଣସି କଳ, କାରଖାନା କିମ୍ବା ଆୟର କୌଣସି ବାଟ ନଥିବାରୁ ଶିକ୍ଷିତ ବେକାର ଯୁବକମାନେ ପଥ ଭ୍ରଷ୍ଟ ହୋଇ ନିଶା ଆଡକୁ ମୁହାଁଉଛନ୍ତି। ଶିକ୍ଷିତ ହେବାପରେ କୌଣସି ଆୟର ବାଟ ନଥିବାରୁ ଯୁବପିଢିମାନେ ଅପରାଧ ନିଶାକୁ ବାଛୁଥିବା ଦ୍ୱାରା ସେମାନଙ୍କର ଭବିଷ୍ୟତ ଅନ୍ଧାର ହୋଇପଡୁଛି। ଜିଲ୍ଲାର ୯ ଗୋଟି ବ୍ଲକରେ ସ୍କୁଲ, କଲେଜ୍, ଡାକ୍ତରଖାନା ନିକଟରେ ଓ ସମ୍ମୁଖରେ ଚୋରା ମଦ, ଗଞ୍ଜେଇ, ବ୍ରାଉନ୍ ସୁଗାର ଓ ସିରପ୍ ଇତ୍ୟାଦି ବିକ୍ରି ହେଉଥିବାରୁ ଯୁବପିଢି ମାନଙ୍କୁ ଏହା ସହଜରେ ଉପଲବ୍ଧ ହେଉଛି। ଫଳରେ ଦିନକୁ ଦିନ ଯୁବପିଢି ନିଶାସକ୍ତ ହୋଇ ଅପରାଧରେ ସାମିଲ୍ ହେଉଛନ୍ତି। ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ପ୍ରାୟ ୯ଟି ବ୍ଲକର ବିଭିନ୍ନ ସ୍ଥାନରେ ଚଢଉ କରି ଚୋରା ମଦ, ବ୍ରାଉନ୍ ସୁଗାର ଓ ଗଞ୍ଜେଇ ବ୍ୟବସାୟକୁ ଗିରଫ କରି କୋର୍ଟ ଚାଲାଣ କରାଯାଇ ସେମାନଙ୍କ ପାଖରୁ ବ୍ୟାପକ ପରିମାଣରେ ଚୋରା ମଦ, ଅଫିମ, ଗଞ୍ଜେଇ ଓ ସିରପ୍ ଜବତ କରାଯାଉଛି। କୋହଳ ଆଇନ୍ ଯୋଗୁ ଏହି ଚୋରା ବ୍ୟବସାୟୀମାନେ ଦୁଇରୁ ତିନିଦିନ ମଧ୍ୟରେ ଜାମିନ୍ ପାଇ ପୁନର୍ବାର ସେହି କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଯାହାଫଳରେ ଚୋରା ବ୍ୟବସାୟୀମାନେ ଜିଲ୍ଲାରେ ବଢୁଛନ୍ତି। ଫଳରେ ନିରୀହ ଶିକ୍ଷିତ ଯୁବକମାନଙ୍କ ସହିତ ଶ୍ରମିକ ଓ ଅନ୍ୟମାନେ ରାସ୍ତା ଘାଟରେ ମଦ୍ୟ ପାନ କରିବା ସହ ନିଶାସ୍ତକ ଅବସ୍ଥାରେ ରାସ୍ତାରେ ଘଣ୍ଟା ଘଣ୍ଟା ଧରି ପଡି ରହୁଛନ୍ତି। ଏହାର ଶିକାର ହେଉଛନ୍ତି। ଚୋରା ବ୍ୟବସାୟ କରୁଥିବା ବ୍ୟବସାୟୀ ମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଏ ବିଷୟରେ ଜିଲ୍ଲା ଅବକାରୀ ଅଧିକ୍ଷକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ମାସରେ ୧୫ ରୁ ୨୦ ସ୍ଥାନ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚଢଉ କରି ଆମେ ଚୋରା ବ୍ୟବସାୟୀଙ୍କୁ ଗିରଫ କରୁଛୁ। କିନ୍ତୁ କୋହଳ ଆଇନ୍ ଯୋଗୁ ଏମାନେ ଫସି ଯାଉଛନ୍ତି। ଏମାନଙ୍କ ବିରୁଦ୍ଧରେ ଜିଲ୍ଲା ପ୍ରଶାସନ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ପୋଲିସକୁ ମିଳିଛି ବଡ଼ ସଫଳତା:୪ ଗିରଫ, ୬୬ ହଜାର ୭୨୦ ଟଙ୍କା ସହ ପିସ୍ତଲ ଜବତ



**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ପର୍ବପର୍ବାଣୀ ପୂର୍ବରୁ ଗୋସାଇଁନୂଆଗାଁ ଥାନା ପୋଲିସକୁ ମିଳିଛି ବଡ଼ ସଫଳତା। ଏକ ଅପରାଧିକ ଷଡ଼ଯନ୍ତ୍ରକୁ ପଣ୍ଡ କରି ପୋଲିସ ୪ ଜଣ ଅଭିଯୁକ୍ତଙ୍କୁ ପିସ୍ତଲ ସହ ଗିରଫ କରିଛି। ସୂଚନା ଅନୁସାରେ ସୋମବାର ସନ୍ଧ୍ୟା ପ୍ରାୟ ୬ଟା ସମୟରେ ଶସସ୍ତ୍ର ଅସାମାଜିକ ବ୍ୟକ୍ତିମାନେ ଗୋସାଇଁନୂଆଗାଁ ମୁଖ୍ୟ ରାସ୍ତା ନିକଟରେ ଥିବା ଏକ ଘରେ ଏକାଠି ହୋଇ କୌଣସି ଅପରାଧିକ ଯୋଜନା କରୁଥିବା ନେଇ ପୋଲିସକୁ ଖବର ମିଳିଥିଲା। ଏହି ସୂଚନା ଆଧାରରେ ଏସ୍ଆଇ ଜିଆର୍. ଦାସଙ୍କ ନେତୃତ୍ୱରେ ଥାନା କର୍ମଚାରୀଙ୍କୁ ନେଇ ଏକ ଦଳ ଗଠନ କରାଯାଇ କାର୍ଯ୍ୟ ନିର୍ବାହୀ ମାଜିଷ୍ଟ୍ରେଟ୍ ଏବଂ ସ୍ୱାଧୀନ ସରକାରୀ ସାକ୍ଷୀଙ୍କ ଉପସ୍ଥିତିରେ ଉକ୍ତ ଘରକୁ ଘେରାବନ୍ଦୀ କରି ଚଢ଼ଉ କରିଥିଲା ପୋଲିସ । ଘଟଣାସ୍ଥଳରୁ ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଅଭିଯୁକ୍ତମାନେ ହେଲେ ବଡ଼ବଜାର ଥାନା ଅନ୍ତର୍ଗତ ପୁରୁଣା ବ୍ରହ୍ମପୁର ଅଞ୍ଚଳର କୈଳାଶ ମହାନ୍ତି ଓରଫ୍ ବୁଢୁ (୪୯), ଗୋସାଇଁନୂଆଗାଁ ଥାନା ଅନ୍ତର୍ଗତ ସାଳିଆବନ୍ଧ ସାହି ତଥା ପୂର୍ବତନ ମେୟରଙ୍କ ଭାଇ ଚନ୍ଦ୍ରଶେଖର ଦାସ ଓରଫ୍ ପିଙ୍କୁ ଦାସ (୪୪), ବାଲାଜୀପେଣ୍ଠ ସାହିର ସିତୁନ୍ ସାହୁ (୨୫) ଏବଂ କାଲୁଆ ସାହିର ଦେବାଶିଷ ପାତ୍ର (୩୦) ବୋଲି ପୋଲିସ ସୂତ୍ରରୁ ପ୍ରକାଶ । ଗିରଫମାନଙ୍କ ଠାରୁ ଆଇ୍ ଫୋନ୍-୧୬, ଓପୋ ମୋବାଇଲ, ସାମ୍‌ସଙ୍ଗ ଗ୍ୟାଲେକ୍ସ ଫୋଲ୍ଡ୍୮, ସାମସଙ୍ଗ ଏମ୩୫ଜି, ଦୁଇଟି ରୋୟାଲ୍ ଏନ୍‌ଫିଲ୍ଡ ମୋଟର ସାଇକେଲ, ନଗଦ ୬୬ ହଜାର ୭୨୦ ଟଙ୍କା, ସୁନା ରଙ୍ଗର ହ୍ୟାଣ୍ଡେଲ୍ ଓ ଟ୍ରିଗର ଥିବା ଗୋଟିଏ ରୂପା ରଙ୍ଗର ପିସ୍ତଲ ଆଦି ଜବତ କରିଛି ପୋଲିସ। ଏନେଇ ଗୋସାଇଁନୂଆଗାଁ ଥାନା କେସ୍ ନଂ ୩୫୪/୨୬ରେ ଏକ ମାମଲା ରୁଜୁ କରି ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ବ୍ରହ୍ମପୁର ଏସ୍‌ପି ଡ଼. ଶର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି ।



## ଇଙ୍ଗ୍ନା ପକ୍ଷରୁ ଦାତବ୍ୟ ସ୍ୱାସ୍ଥ୍ୟସେବା ଶିବିର

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଇଙ୍ଗ୍ନା ଶିଳ୍ପ ଗୋଷ୍ଠୀର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଓ ଇଲାପଣ୍ଡା ଫାଉଣ୍ଡେସନ୍ ଆୟୋଜନରେ ଚୌଦ୍ୱାର ପୌରପାଳିକା ଦୌଲତାବାଦ ଶାରଦା ନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଏକ ବହୁମୁଖୀ ଦାତବ୍ୟ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଚୌଦ୍ୱାର ଇଙ୍ଗ୍ନାର ପାୱାର ପ୍ଲାଣ୍ଟ ପରିଚାଳନା ମୁଖ୍ୟ ଲଲାଟ କିଶୋର ମହାପାତ୍ର ଓ ୧୬ ନମ୍ବର ୱାର୍ଡ଼ କାଉନସିଲର ଅଜୟ କୁମାର ବେହେରା ଅତିଥି ଭାବେ ଶିବିରର ଉଦ୍‌ଘାଟନ କରିଥିଲେ । ବିଦ୍ୟାଳୟର ସମ୍ପାଦକ ନଗେନ୍ଦ୍ର ପ୍ରସାଦ ସାହୁ, କାଉନସିଲର ଦିଲ୍ଲିପ ଭୂୟାଁ, ପ୍ରଧାନ ଆଚାର୍ଯ୍ୟ ପ୍ରତାପ ଚନ୍ଦ୍ର ବାରିକ ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗଦେଇଥିଲେ। ସ୍ୱାସ୍ଥ୍ୟ ଶିବିରରେ ଅସ୍ଥିଶଲ୍ୟ, ଭେଷଜ, ଶିଶୁରୋଗ, ସ୍ତ୍ରୀ ଓ ପ୍ରସୂତୀ ବିଭାଗର ବିଶେଷଜ୍ଞ ଡାକ୍ତରମାନେ ଯୋଗଦେଇ ପୌରପାଳିକାର ୧୩, ୧୪, ୧୫ ଓ ୧୬ ନମ୍ବର ୱାର୍ଡ଼ ସହିତ ଇନ୍ଦାଣୀପାଟଣା ଓ ବାଣୀପଦା ପଞ୍ଚାୟତର ଗ୍ରାମାଞ୍ଚଳରୁ ଆସିଥିବା ୩୮୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ରୋଗୀମାନଙ୍କୁ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା । ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ମାନସ ବସନ୍ତିଆଙ୍କ ସଂଯୋଜନାରେ ଆୟୋଜିତ ଏହି ଶିବିରକୁ ବବିତା ନନ୍ଦ, ନିରଞ୍ଜନ ସାହୁ, ମାନସ ରଞ୍ଜନ ପ୍ରଧାନ, ରଜତ ସ୍ୱାଇଁ, ଅଭିଷେକ ଘୋଷ, ଅଶାନ୍ତ ବେହେରା, ବିଆଇପିଏଫ୍‌ର ଅନନ୍ୟା ମହାନ୍ତି ପ୍ରମୁଖ ଅଧିକାରୀ ପରିଚାଳନା କରିଥିଲେ ।

## ଗଛରେ ଝୁଲନ୍ତା ଅବସ୍ଥାରେ ଯୁବକର ମୃତ ଦେହ ଉଦ୍ଧାର

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ଯାଜପୁର ରୋଡ ଆଦର୍ଶ ଥାନା ବ୍ୟାସନଗର ସହରର ବ୍ୟାସସରୋବର ଜଗନ୍ନାଥ ସାହିରେ ଅଭାବନୀୟ ଘଟଣା ଘଟିଛି । ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଛି ଜଣେ ଆଦିବାସୀ ଯୁବକଙ୍କ ମୃତଦେହ । ମୃତ ଯୁବକ ଭଦ୍ରକ ଭଣ୍ଡାରିପୋଖରୀ ଥାନା ମଞ୍ଜୁରୀରୋଡ଼ ଅଞ୍ଚଳର ଗୌରାଙ୍ଗ ମୁଣ୍ଡା (୨୨) ବୋଲି ଜଣାପଡିଛି। ଏ ସମ୍ପର୍କରେ ଖବରପାଇ ଯାଜପୁର ରୋଡ୍ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ଘଟଣାର ତଦନ୍ତ ଜାରି ରଖିଛି। ସୂଚନା ମୁତାବକ ଗୌରାଙ୍ଗ ଗତ କିଛିଦିନ ହେବ ଏଠାରେ ଥିବା ଜଗନ୍ନାଥ ସାହିରେ ରହି ଜଣେ ଟ୍ରାକ୍ଟର ଚାଳକ ଭାବେ କାର୍ଯ୍ୟ କରୁଥିଲେ। ତେବେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ କଳହକୁ କେନ୍ଦ୍ର କରି ଯୁବକ ଜଣକ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି।

# ବର୍ଷୀୟାନ ସାରସ୍ୱତ ସାଧକ ବୃନ୍ଦାବନ ଦାଶଙ୍କୁ ପ୍ରତିଶ୍ରୁତି ସାରସ୍ୱତ ସମ୍ମାନ -୨୦୨୬ ପ୍ରଦାନ



**ବାରିପଦା, ନ୍ୟୁଜ୍ ବ୍ୟୁରୋ**

କାର୍ଯ୍ୟକ୍ରମରେ ପ୍ରତିଶ୍ରୁତିର ପ୍ରତି ମୟୂରଭଞ୍ଜର ବାରିପଦାରୁ ଦୀର୍ଘ ୪୪ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଭାଗବତ ପଣ୍ଡାଙ୍କ ସମ୍ପାଦନାରେ ପ୍ରକାଶ ପାଉଥିବା ସାହିତ୍ୟ ଓ ସଂସ୍କୃତି ମୂଳକ ତ୍ରୈମାସିକ ପତ୍ରିକା 'ପ୍ରତିଶ୍ରୁତି' ତରଫରୁ ପବିତ୍ର ନୂଆଖାଇର ଶୁଭ ଅବସରରେ ଏକ ସାରସ୍ୱତ ସମାରୋହ ଓ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବର୍ଷୀୟାନ ସାରସ୍ୱତ ସାଧକ ତଥା ବହୁ ପୁସ୍ତକର ରଚୟିତା ବୃନ୍ଦାବନ ଦାଶଙ୍କୁ ପ୍ରତିଶ୍ରୁତି ସାରସତ ସମ୍ମାନ -୨୦୨୬ ପ୍ରଦାନ କରାଯାଇଛି। ପ୍ରତିଷ୍ଠାନର ସଭାପତି ଡା. ପାର୍ଥ ସାରଥୀ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରତିଷ୍ଠାତା ସମ୍ପାଦକ ଭାଗବତ ପଣ୍ଡା ଶ୍ରୀ ଦାଶଙ୍କ ଜୀବନ ବ୍ୟାପି ସାରସ୍ୱତ ସାଧନା ସମ୍ପର୍କରେ ଆଲୋକପାତ କରିଥିଲେ । ବାର୍ଦ୍ଧକ୍ୟ ଓ ଶାରୀରିକ ଅସୁସ୍ଥତା ଯୋଗୁ ଏହି କାର୍ଯ୍ୟକ୍ରମ ଶ୍ରୀ ଦାଶଙ୍କ ବାସଗୃହରେ ଅନୁଷ୍ଠିତ ହୋଇଥିଲା। ସଭାପତି ଡା. ଜେନା ଶ୍ରୀ ଦାଶଙ୍କର ସାହିତ୍ୟକୃତି ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ । ସମ୍ବର୍ଦ୍ଧନାର ଉତ୍ତରରେ ଶ୍ରୀ ଦାଶ ଅତି ସଂକ୍ଷେପରେ ତାଙ୍କ ସାରସ୍ୱତ ଜୀବନର ଅନୁଭୂତି ବର୍ଣ୍ଣନା କରିବା ସହିତ ଜୀବନର ଅବସ୍ଥାରେ ପ୍ରତିଶ୍ରୁତି ତାଙ୍କୁ ସମ୍ବର୍ଦ୍ଧିତ କରିଥିବାରୁ ଅତିଶୟ ସନ୍ତୋଷବ୍ୟକ୍ତ କରିଥିଲେ। ପରିଶେଷରେ ସମ୍ପାଦକ ଶ୍ରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



## ଗୋଦାବରୀଶ ସାହିତ୍ୟ ସଂସଦ ପକ୍ଷରୁ ଭୀମଭୋଇଙ୍କ ସାହିତ୍ୟ ଚର୍ଚ୍ଚା ଓ କବିତା ପାଠୋତ୍ସବ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରାଜଧାନୀର ସର୍ବ ପୁରାତନ ସାହିତ୍ୟ ଅନୁଷ୍ଠାନ ଗୋଦାବରୀଶ ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ସାହିତ୍ୟ ସନ୍ଧ୍ୟା ଅନୁଷ୍ଠାନର ସଭାପତି ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଡ. ଉଦ୍ଧବ ଚରଣ ନାୟକ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି କବି ଭୀମଭୋଇ ଓ ମହିମା ଧର୍ମ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଆଲୋଚନା ଚକ୍ର ପରେ କବି ଚମକ ଚାନ୍ଦିନୀ ଦାସ ଓ ସନ୍ଧ୍ୟାରାଣୀ ପୃଷ୍ଟିଙ୍କ ସଂଯୋଜନାରେ ଅର୍ଦ୍ଧ ଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ। ସଂସଦର ସମ୍ପାଦକ ଡକ୍ଟର ରାମଚନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପସଭାପତି ଖଗେଶ୍ୱର ମହତାବ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ଦେବେନ୍ଦ୍ର ପ୍ରସାଦ ଦାସ, ଡକ୍ଟର ମିହିର କୁମାର ରାୟ, ପ୍ରିୟ ରଞ୍ଜନ ସାହୁ, ସୌଦାମିନୀ ସାମନ୍ତରାୟ, ନିରୁପମା ରାୟ, ବିଜୟ କୁମାର ମଲ୍ଲିକ୍, ମଞ୍ଜୁଳା ତ୍ରିପାଠୀ ଓ କାନନ ମହାନ୍ତି ପ୍ରମୁଖ କବିଗଣ କବିତା ପାଠ କରିଥିଲେ।

# ଘରୋଇ ହସ୍ପିଟାଲ୍‌ରେ ଅଲଟ୍ରାସାଉଣ୍ଡ କରିବାକୁ ଆସିଥିବା ରୋଗୀ ହନ୍ତସନ୍ତ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ବ୍ୟାସନଗର ସହରର ଚୋରଦା ଛକ ନିକଟରେ ଥିବା ପ୍ରଭା କେୟାର ଘରୋଇ ହସ୍ପିଟାଲ୍‌ରେ ଅଲଟ୍ରାସାଉଣ୍ଡ କରିବାକୁ ଆସିଥିବା ରୋଗୀ ହନ୍ତସନ୍ତ। ହସ୍ପିଟାଲ୍‌ରେ ଚିକିତ୍ସାରେ ଅବହେଳା ହେଉଥିା ଅଭିଯୋଗ ହୋଇଛି। ସୂଚନା ଯୋଗ୍ୟ ଯେ ପ୍ରଭା କେୟାର ନାମକ ଏକ ଘରୋଇ ହସ୍ପିଟାଲ୍‌କୁ ଅଲଟ୍ରା ସାଉଣ୍ଡ କରିବାକୁ ଆସିଥିବା ଗର୍ଭବତୀ ମହିଳା ଓ ଅନ୍ୟାନ୍ୟ ରୋଗୀମାନେ ଆସିଥିଲେ। ଏଥିପାଇଁ ଟଙ୍କା ପୈଠ କରି ମ୍ୟାନେଜରଙ୍କ ଠାରୁ ରସିଦ କାଟି ନେଇଥିଲେ। ଅପରାହ୍ନରେ ଡାକ୍ତର ଆସିବେ ବୋଲି କୁହାଯାଇଥିଲା।




ମାତ୍ର ମଧ୍ୟାହ୍ନରୁ ରାତି ପ୍ରାୟ ସାଢେ ୯ଟା ଯାଏ ଭୋକ ଉପାସରେ ଅପେକ୍ଷା କରି ରହିଥିଲେ ରୋଗୀମାନେ। ହେଲେ ଶେଷ ପର୍ଯ୍ୟନ୍ତ ଡାକ୍ତରଙ୍କ ଦେଖା ମିଳିନଥିଲା। ଷ୍ଟାଫ ନର୍ସ ଏବଂ ମ୍ୟାନେଜରଙ୍କୁ ପଚାରିବାରୁ ସେ ଉକ୍ତ ରୋଗୀ ମାନଙ୍କୁ ରସିଦ ଫେରାଇ ଟଙ୍କା ଫେରସ୍ତ ନେଇଯିବାକୁ କହିବା ସହ ସେମାନଙ୍କୁ ଦୁର୍ବ୍ୟବହାର ମଧ କରିଥିଲେ। ଯାହାକୁ ନେଇ ହସ୍ପିଟାଲ୍ ପରିସରରେ ଚାପା ଉତ୍ତେଜନା ଦେଖାଦେଇଥିଲା। କିଛି ଗଣମାଧ୍ୟମ ପ୍ରତିନିଧି ପହଞ୍ଚି ପଚରା ଉଚରା କରିବା ସମୟରେ ସେମାନଙ୍କ ସହ କିଛି କର୍ମଚାରୀ ଓ ଷ୍ଟାଫ୍ ନର୍ସ ଯୁକ୍ତିତର୍କ କରିଥିଲେ । ଏପରିକି ଉକ୍ତ ଷ୍ଟାଫ୍‌ମାନେ ସାମ୍ବାଦିକଙ୍କୁ ସମ୍ପୃକ୍ତ ଡାକ୍ତରଙ୍କ ନାଁ ମଧ କହିବାକୁ କୁଣ୍ଠିତ ମନେକରିଥିଲେ। ବଡକଥା ହେଲା ରାତି ଯାଏ ଭୋକ ଉପାସରେ ଅପେକ୍ଷା କରିଥିବା ଉକ୍ତ ରୋଗୀଙ୍କ ମଧ୍ୟରୁ କିଛି ରୋଗୀଙ୍କ ଅବସ୍ଥା ଗୁରୁତର ହୋଇପଡିଥିବା ଦେଖିବାକୁ ମିଳିଥିଲା। ଅବହେଳିତ ରୋଗୀମାନେ ମୋବାଇଲ ଯୋଗେ ଏ ସମ୍ପର୍କରେ ସ୍ଥାନୀୟ ଯାଜପୁର ରୋଡ ପୋଲିସକୁ ଜଣାଇଥିଲେ। ପୋଲିସ ଉକ୍ତ ହସ୍ପିଟାଲ୍‌ରେ ପହଞ୍ଚି ଘଟଣା ସମ୍ପର୍କରେ ପଚରା ଉଚରା କରିବା ସହ ଲୋକଙ୍କୁ ବୁଝାସୁଝା କରିଥିଲେ। ପ୍ରକାଶଥାଉ କି ଏହି ହସ୍ପିଟାଲ୍ ଚାର୍ଟରେ ଡାକ୍ତରମାନଙ୍କ ନାଁର ଲମ୍ବା ତାଲିକା ଲେଖାଯାଇଥିଲେ ମଧ କେହି ଜଣେ ବି ଡାକ୍ତର ଏହି ସମୟରେ ଉପସ୍ଥିତ ନଥିଲେ। ଏହି ଘରୋଇ ହସ୍ପିଟାଲ୍‌ରେ ବାରମ୍ବାର ଏଭଳି ସମସ୍ୟା ଦେଖାଦେଉଥିଲେ ମଧ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନଥିବା ଅଭିଯୋଗ କରିଛନ୍ତି ରୋଗୀ ଓ ସେମାନଙ୍କ ସମ୍ପର୍କୀୟ। ସେପଟେ ଏନେଇ ହସ୍ପିଟାଲ୍ କର୍ତ୍ତୃପକ୍ଷଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ।

# ଡିଏମ୍ଏଫ୍ ଅନୁଦାନରେ ଗୋଟିଏ ନାଳରେ ୩ ପ୍ରକଳ୍ପ:ସୁଫଳ ପାଉନାହାନ୍ତି ଲୋକେ

**ଯାଜପୁର, ନ୍ୟୁଜ୍**

ଯାଜପୁର ଜିଲ୍ଲାରେ ଡିଏମ୍ଏଫ୍ ଅନୁଦାନର ବ୍ୟାପକ ହଡପ୍ ଏବଂ ଦୁରୁପଯୋଗ ଏବେ ସମଗ୍ର ରାଜ୍ୟରେ ଘୋର ଆଲୋଡନ ସୃଷ୍ଟି କରିଛି । ଏଠାରେ ଗୋଟିଏ ନାଳରେ ଡିଏମ୍ଏଫ୍ ଅନୁଦାନରେ ତିନୋଟି ପୃଥକ୍ ପୃଥକ୍ ପ୍ରକଳ୍ପ ହୋଇଛି। ହେଲେ ଏହି ପ୍ରକଳ୍ପ ଗୁଡିକର କୌଣସି ସୁଫଳ ଲୋକେ ପାଉନାହାନ୍ତି। ଏଥିନେଇ ଉଚ୍ଚସ୍ତରୀୟ ଭିଜିଲାନ୍ସ ତଦନ୍ତ ପାଇଁ ସାଧାରଣରେ ଦାବି ହୋଇଛି। ଯାଜପୁର ଜିଲ୍ଲାରେ ପାଣିକୋଇଲି ଅଞ୍ଚଳରେ ଥିବା ବ୍ରାହ୍ମଣୀ-ବୈତରଣୀ ଦୋଆବ ନମ୍ବର-୧୪ ଅଧୀନରେ ଥିବା ନମଟିକିରୀ ନାଳ ପୁନରୁଦ୍ଧାର, ସୁରକ୍ଷା ପ୍ରାଚୀର ଓ ବନ୍ୟା ନିୟନ୍ତ୍ରଣ ନାମରେ ପ୍ରାୟ ୨୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା କାଗଜପତ୍ରରେ ଦର୍ଶାଯାଇଛି। ହେଲେ ବାସ୍ତବରେ ଏତେ ପରିମାଣର ବିପୁଳ ଅର୍ଥ ବ୍ୟୟ ହେଉଥିଲେ ମଧ ଜଳ ନିଷ୍କାସନ ବ୍ୟବସ୍ଥାରେ କୌଣସି ଆଖି ଦୃଶିଆ ପରିବର୍ତ୍ତନ ହୋଇନାହିଁ। ଏଠାରେ ୨୦ କୋଟି ଟଙ୍କା ବ୍ୟୟ ହୋଇଥିଲେ ମଧ ବନ୍ୟା ସମୟରେ ସ୍ଥାନୀୟ ଲୋକଙ୍କ କୌଣସି ପ୍ରକାର କାର୍ଯ୍ୟରେ ଆସୁନାହିଁ। ତଥ୍ୟ ଅନୁସାରେ ନମଟିକିରି ନାଳର ପୁନରୁଦ୍ଧାର ପାଇଁ ୨୦୨୧-୨୨ ଆର୍ଥିକ ବର୍ଷରେ ୯ କୋଟି ୮୬ ଲକ୍ଷ ଟଙ୍କା, ନାଳର ସୁରକ୍ଷା ପ୍ରାଚୀର ନିର୍ମାଣ ନିମନ୍ତେ ୪ କୋଟି ୯୧ ଲକ୍ଷ ଟଙ୍କା, ଲିଙ୍ଗେଶ୍ୱର ମନ୍ଦିରରୁ ନମଟିକିରୀ ନାଳ ପୁନରୁଦ୍ଧାର ପାଇଁ ୫ କୋଟି ୨୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଏହିପରି ସମୁଦାୟ ୨୦ କୋଟି ଟଙ୍କା ବ୍ୟୟ ହୋଇଛି। ଅପରପକ୍ଷରେ ଏହି ପ୍ରକଳ୍ପର କାର୍ଯ୍ୟାନ୍ୱୟନ ଦାୟିତ୍ୱ ରାଜ୍ୟ ଜଳସମ୍ପଦ ବିଭାଗ କିମ୍ବା ସ୍ଥାନୀୟ କାର୍ଯ୍ୟନିର୍ବାହୀ ସଂସ୍ଥାକୁ ନଦେଇ କେନ୍ଦ୍ରୀୟ ଉଦ୍ୟୋଗ 'ଏନ୍‌ପିସିସି'କୁ ପ୍ରଦାନ କରାଯିବା ନେଇ ସନ୍ଦେହ ଘନୀଭୂତ ହୋଇଛି। ରାଜ୍ୟର ଦକ୍ଷ ବୈଷୟିକ ଟିମ୍ ଥାଇ ମଧ କେଉଁ ଆଧାରରେ ପ୍ରକଳ୍ପଟି ଏକ କେନ୍ଦ୍ରୀୟ ସଂସ୍ଥାକୁ ହସ୍ତାନ୍ତର କରାଗଲା, ତାହା ଅସ୍ପଷ୍ଟ ରହିଛି। ଡିଏମ୍ଏଫ୍ ନିୟମାବଳୀ ଅନୁଯାୟୀ, ଖଣି ପ୍ରଭାବିତ ଅଞ୍ଚଳରେ ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ଶିଶୁ ଓ ମାତୃ ପୁଷ୍ଟିହୀନତା ଦୂରୀକରଣ ଏବଂ ପରିବେଶ ସୁରକ୍ଷାକୁ ପ୍ରାଥମିକତା ଦିଆଯିବା କଥା। ମାତ୍ର ଅତ୍ୟାବଶ୍ୟକ ମୌଳିକ ସମସ୍ୟା ଥାଉ ଥାଉ କାହା ସ୍ୱାର୍ଥରେ ନାଳ ପୁନରୁଦ୍ଧାର ନାଁରେ କୋଟି କୋଟି ଖର୍ଚ୍ଚ କରାଗଲା, ତାହାର ତଦନ୍ତ ହେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସତୀଶ ବିଶ୍ୱାଳ ଅଭିଯୋଗ କରିଛନ୍ତି। ପ୍ରକଳ୍ପର ଅନୁମୋଦିତ ଡିପିଆର୍, ଟେଣ୍ଡର ମୂଲ୍ୟ, କାର୍ଯ୍ୟାଦେଶ, ମାପ ବହି (ଏମ୍ ବୁକ୍) ଏବଂ ବିଲ୍ ସହ ବାସ୍ତବ କାମକୁ ତୁଳନା କଲେ ସତ୍ୟାସତ୍ୟ ସାମ୍ନାକୁ ଆସିପାରିବ ବୋଲି ଦାବି ହୋଇଛି।

# ବୌଦ୍ଧରେ ରାଷ୍ଟ୍ରୀୟ ଲୋକ ଅଦାଲତ:୯୮ ଲକ୍ଷ ୧୬ ହଜାର ଟଙ୍କା ଆଦାୟ




**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ, ବୌଦ୍ଧଙ୍କ ଆନୁକୂଲ୍ୟରେ ଜିଲ୍ଲା ଅଦାଲତ ପରିସରରେ ଏକ ଜାତୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରତାପ କୁମାର ପାତ୍ରଙ୍କ ନିର୍ଦ୍ଦେଶନାରେ ବିଭିନ୍ନ ପ୍ରକାରର ମାମଲାର ସରଳ ଓ ତ୍ୱରିତ ସମାଧାନ କରାଯାଇଥିଲା। ଏହି ଲୋକ ଅଦାଲତରେ ସର୍ବମୋଟ୍ ୨୫୨୯ଟି ବିଚାରାଧୀନ ମାମଲା ପେଶ୍ ହୋଇଥିଲା । ଏଥିମଧ୍ୟରେ ମୋଟର ଦୁର୍ଘଟଣାଜନିତ ମାମଲା, ପାରିବାରିକ ମାମଲା, ରାଜସ୍ୱ ମାମଲା, ଦେୱାନୀ ମାମଲା, ଦେୱାନୀ ବିବାଦ ଆଦି ଅନ୍ତର୍ଭୁକ୍ତ ଥିଲା। ଏଥିସହିତ ୧୧୪ଟି ପ୍ରାକ୍-ମାମଲା ମଧ୍ୟ ସମାଧାନ କରାଯାଇଥିଲା। ଲୋକ ଅଦାଲତ ମାଧ୍ୟମରେ ବିଭିନ୍ନ ମାମଲାରେ ସମୁଦାୟ ୯୮,୧୬,୬୬୨- ଟଙ୍କା ଆଦାୟ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଖିଳ କୁମାର ପଶ୍ଚିମ କବାଟ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍, ବୌଦ୍ଧ, ନିରଞ୍ଜନ ପାତ୍ର ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ, ଜୟ ପ୍ରକାଶ ନାଏକ ରେଜିଷ୍ଟ୍ରାର, ଅନୁଶିଳା ରାୟ ବରିଷ୍ଠ ଦେୱାନୀ ବିଚାରପତି, ଶ୍ରଦ୍ଧାଞ୍ଜଳି ରାୟ ସଚିବ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ନିରଞ୍ଜନ ଦାଶ ଉପଖଣ୍ଡିୟ ବିଚାର ବିଭାଗୀୟ ଅଧିକାରୀ, ସୁସ୍ମିତା ପ୍ରିୟଦର୍ଶିନୀ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି, ବିଭିନ୍ନ ଅଦାଲତର ଆଇନଜୀବୀ, କୋର୍ଟ କର୍ମଚାରୀ ଓ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଲୋକ ଅଦାଲତର ସଫଳ ପରିଚାଳନାରେ ସହଯୋଗ କରିଥିଲେ। ଲୋକ ଅଦାଲତ ମାଧ୍ୟମରେ ମାମଲାର ତ୍ୱରିତ ଓ ସହଜ ସମାଧାନ ସହ ଲୋକମାନଙ୍କୁ ନ୍ୟାୟ ପ୍ରଦାନ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ଥିଲା।




## ଗାନ୍ଧି ପାଠଗାର, ଟିକ୍ରାପଡାର ଦୁର୍ଗାପୂଜା ପାଇଁ ପ୍ରସ୍ତୁତି

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**


ଚଳିତ ବର୍ଷ ସାର୍ବଜନୀନ ଦୁର୍ଗାପୂଜା ଆୟୋଜନ ପାଇଁ ଗାନ୍ଧି ପାଠାଗାର, ଟିକ୍ରାପଡାର ଏକ ପ୍ରସ୍ତୁତି ବୈଠକ ପାଠାଗାର ସଭାପତି ପ୍ରକାଶ ନେପାକଙ୍କ ସଭାପତିତ୍ୱରେ ସ୍ଥାନୀୟ ଟିକ୍ରାପଡା ରାମଜୀ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ପ୍ରଦୀପ ସାହୁ ଚଳିତ ବର୍ଷ ନୂତନ ଦୁର୍ଗା ମଣ୍ଡପରେ ମା'ଙ୍କ ପୂଜା କରାଯିବାକୁ ସମସ୍ତ ପ୍ରକାର ଚେଷ୍ଟା କରାଯାଉଥିବାର ସୂଚନା ଦେଇଥିଲେ । ଏହି ବୈଠକରେ ବରିଷ୍ଠ ସଭ୍ୟ ଭଗବାନ ବରୱାଁ, ପୀତବାସ ପଣ୍ଡା, ନବୀନ ନନ୍ଦ, ସୂର୍ଯ୍ୟ ପୁରୋହିତ, ହରି ପଣ୍ଡା, ଅଶୋକ ଗନ୍ଧ ପ୍ରମୁଖ ରହିଥିବା ବେଳେ ସଭାପତି ପ୍ରକାଶ ନେପାକ, ଉପସଭାପତି ସନ୍ତୋକ ବହିଦାର, ସମ୍ପାଦକ ପ୍ରଦୀପ ସାହୁ, କୋଷାଧ୍ୟକ୍ଷ ଜିତୁ ନାଗ ଏବଂ ବରିଷ୍ଠ ସଭ୍ୟ ରାଜେନ୍ଦ୍ର ମିଶ୍ର, ବୈଷ୍ଣବ ସାହୁ, ଚିତ୍ତ ରଂଜନ ସାହୁ, ରାଜେନ୍ଦ୍ର ପାଣି, ସୁରୁ ସାହୁ, ରିଆଜ ଖାନ, ଅବଦୁଲ ରଜାକ, ଦୁର୍ଗା ସାହୁ, ଅଜିତ ପଣ୍ଡା, କୁନୁ ପାତ୍ର, ଦାଶରଥି ସାହୁ, ବାସୁଦେବ ରଥ ଆୟୋଜନ କମିଟିର ସଦସ୍ୟ ରହିଛନ୍ତି। ନୂତନ ଦୁର୍ଗାଙ୍କ ଭବନର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରି ଚଳିତ ବର୍ଷ ମା' ଦୁର୍ଗାଙ୍କ ପୂଜା ନୂତନ ମଣ୍ଡପରେ ଆୟୋଜନ କରାଯିବା ସହ ବଲାଙ୍ଗିରର ସମସ୍ତ ପୂଜା କମିଟି, କ୍ଲବ ଓ ଅନୁଷ୍ଠାନ, ସମସ୍ତ ଧାର୍ମିକ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ ନିମନ୍ତ୍ରଣ କରାଯାଇ ନୂତନ ମଣ୍ଡପର ପ୍ରତିଷ୍ଠା କରାଯିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା। ଏହି ବୈଠକରେ ବୁବୁ ବଢିଆ, ଆନିଶ ସାହୁ, ବାବୁ ଶ୍ରୀଚନ୍ଦନ, ପଞ୍ଚା ପୁରୋହିତ ଏବଂ ସମସ୍ତ ସଭ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**





ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୭।୦୯।୨୦୨୬, ଭାଦ୍ରବ ଦ୧ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ ୫।୩୬।୨୯ ଚନ୍ଦ୍ରୋଦୟ- ଦିଘ୧୦।୫୮।୫୯**

ଷଷ୍ଠୀ ଦିଘ ୧୦।୫୦ ପର୍ଯ୍ୟନ୍ତ, ଅନୁରାଧା ନକ୍ଷତ୍ର ରାଘ ୭।୫୫ ପର୍ଯ୍ୟନ୍ତ । ବିଛା ଚନ୍ଦ୍ର ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ, ମୀନ ରାଶିର। **ଘାତଚନ୍ଦ୍ର-** ନାହିଁ। **ଶ୍ରାଦ୍ଧ ନିର୍ଣ୍ଣୟ-** ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନିମ୍ବ ଦିଘ ୧୦।୫୦ ଗତେ ତାଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୪୦ ଗତେ ଦିଘ ୭।୧୫ ମଧ୍ୟେ। **ପର୍ବୋତ୍ସବ-** କନ୍ୟା ସଂକ୍ରାନ୍ତି, ବିଶ୍ୱ କର୍ମା ପୂଜା, ଷଷ୍ଠୀ ଓଷା, ସୋମନାଥ ବ୍ରତାରମ୍ଭ, ଲଳିତା ସପ୍ତମୀ, କୁକ୍କୁଟୀ ବ୍ରତ।


**ମେଷ:** ଯୋଜନାବଦ୍ଧ ଭାବରେ କାର୍ଯ୍ୟ ନିର୍ବାହ କରିପାରିବେନାହିଁ। ଚଞ୍ଚଳତାର ଶିକାର ହୋଇପାରନ୍ତି। ଆୟ ଓ ବ୍ୟୟର ପରିମାଣ ଅଧିକ ହେବ। ପାରିବାରିକ ସାହାଯ୍ୟ ଓ ସହଯୋଗ ଲାଭ କରିବେ। ଭ୍ରମଣ ଯୋଗ ରହିଛି।


**ବୃଷ:** ମନରେ ଶତ ସିଂହର ବଳ ଜାଗ୍ରତ ହେବ। ବନ୍ଧୁ ପ୍ରୀତି ଲାଭ ହେବ। ଶାରୀରିକ ଅସୁସ୍ଥତା ଦେଖାଦେବାର ସୂଚନା। ରୋଜଗାରରେ ଉନ୍ନତି ହେବ। ପାରିବାରିକ ଶୃଙ୍ଖଳା ରକ୍ଷା ହେବ। ବ୍ୟବସାୟରେ ଲାଭବାନ୍ ହେବେ।


**ମିଥୁନ:** କର୍ମକ୍ଷେତ୍ରରେ ପଥରୋଧର ଆଶଙ୍କା। ସାମୟିକ ବ୍ୟସ୍ତତା ଦେଖାଦେବ। ଅସହଯୋଗରୁ ବିରକ୍ତି ପ୍ରକାଶ ପାଇବ। ଭୋଗ ବିଳାସରେ ବିଘ୍ନ ଘଟିବ। ରୋଜଗାର ମଧ୍ୟମ ଧରଣର ହେବ। ଗୃହେ ଶାନ୍ତି ଲାଭ ହେବ।


**କର୍କଟ:** ସଂଯମତା ରକ୍ଷା କରିବା ଉଚିତ। କର୍ମକ୍ଷେତ୍ରରେ ବହୁ ଶ୍ରମର ସୂଚନା। ସମ୍ମାନ ଉପରେ ଆଞ୍ଚ ଆସିପାରେ। ଆୟରେ ଅବନତି ହେବ। ପାରିବାରିକ ଶାନ୍ତି ଲାଭ । ମୂଲ୍ୟବାନ ଦ୍ରବ୍ୟ ପ୍ରାପ୍ତି ହେବ।


**ସିଂହ:** ସମସ୍ତ ସୁବିଧା ଥିଲେ ମଧ ଆକସ୍ମିକ ପରିସ୍ଥିତି କେତେକ ସମସ୍ୟା ସୃଷ୍ଟି କରାଇବ। ରୋଜଗାର ସ୍ଥିର ରହିବ। ଛୋଟ କଥାକୁ ବଡ଼ କରିବେ। ପରିବାରରେ ସମର୍ଥନ ଓ ସାହାଯ୍ୟ ମିଳିବାର ସୂଚନା।


**କନ୍ୟା:** ଯାହା କଲେ ତାହା ପୂର୍ଣ୍ଣ ହେବ। ଅନ୍ୟର ଉପକାର କରି ସନ୍ତୁଷ୍ଟ ହେବେ। ଲୋକ ସମ୍ପର୍କ ବଢ଼ିବ। କିନ୍ତୁ ପାରିବାରିକ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିପାରେ। କଚେରି ମାମଲାରେ ସଫଳତା ମିଳିବ। ରୋଜଗାର ଭଲ ହେବ।


**ତୁଳା:** ଆଶା ରଖି କର୍ମ ପ୍ରାପ୍ତିର ସମ୍ଭାବନା ଉଜ୍ଜ୍ୱଳ କରିବେ। ମନରେ ଅଭିମାନ ଆସିବ। ପ୍ରତୀକ୍ଷାର ସମୟ ଅନ୍ତ ହେବ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ପାରିବାରିକ କଳହ ଦେଖାଦେବାର ସୂଚନା। ଠକାମିରେ ପଡ଼ିପାରନ୍ତି।


**ବିଛା:** ଆଜି ଦିନଟି ଆପଣ ସୁଖ ଓ ସମ୍ମାନ ଲାଭ କରିବେ। ସହକର୍ମୀ ମାନଙ୍କ ଅସହଯୋଗ ପାଇ ଖୁସି ହେବେ। ବନ୍ଧୁ ସହଯୋଗ ମିଳିବ। ଆୟ କ୍ରମେ ବଢ଼ି ଚାଲିବ। ମାଲିମୋକଦ୍ଦମାରେ ସଫଳତା ମିଳିବାର ସୂଚନା।


**ଧନୁ:** କର୍ମପ୍ରାପ୍ତି ଆନନ୍ଦ ଅନୁଭବ କରିବେ। ଆୟ ପୂର୍ବ ପରି ସ୍ଥିର ରହିବ। ଆପଣ ଯେତେ ଯାହା କରନ୍ତୁ ଅନ୍ୟମାନଙ୍କ ସମାଲୋଚନାର ଶିକାର ହେବେ। ଘରେ ସମସ୍ତେ ପଥରୋଧ କରିବେ। ଦେହ ଭଲ ରହିବ ।


**ମକର:** ବହୁ ପରିମାଣରେ ଅର୍ଥର ଆବଶ୍ୟକତା ଅନୁଭବ କରିବେ। କୌଣସି ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି। ବନ୍ଧୁ ସହଯୋଗ ମିଳିବ। ଆୟ ମଧ୍ୟମ ଧରଣର ହେବ। ଘରେ ଶାନ୍ତି ଲାଭ କରିବେ। ଦୂରଯାତ୍ରା କରିପାରନ୍ତି।


**କୁମ୍ଭ:** ଠକାମିରେ ପଡ଼ିପାରନ୍ତି। କର୍ମ ବ୍ୟସ୍ତତା ମଧ୍ୟରେ ଦିନଟି କଟିବ। ମନରେ ଚିନ୍ତା ଲାଗି ରହିବ। ପରିବାରରେ ସାମାନ୍ୟ ଅସହଯୋଗ ଦେଖାଦେବ। ଦେହ ଓ ମନ ଭଲ ରହିବ। ଆୟ ପୂର୍ବ ପରି ସ୍ଥିର ରହିବ। ବ୍ୟବସାୟ ମଧ୍ୟମ ଧରଣର ହେବ।


**ମୀନ:** ଭକ୍ତି ମାର୍ଗରେ ନିଜକୁ ନିୟୋଜିତ କରିବେ। ସେବା ପୂଜା ପ୍ରତି ମନ ବଳାଇବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସାନ୍ନିଧ୍ୟ ଲାଭ କରିବେ। ଆୟର ପରିମାଣ ବଢ଼ିବ। ପାରିବାରିକ ଶାନ୍ତି ଅବ୍ୟାହତ ରହିବାର ସୂଚନା।

# ଆଗାମୀ କାଲିର ପଞ୍ଜିକା


ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୮।୦୯।୨୦୨୬, ଆଶ୍ୱିନ ଦ୨ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ ୫।୩୫।୪୧ ଚନ୍ଦ୍ରୋଦୟ- ଦିଘ୧୧।୫୩।୩୮**

ସପ୍ତମୀ ଦିଘ ୧୧।୦୫ ପର୍ଯ୍ୟନ୍ତ, ଜ୍ୟେଷ୍ଠା ନକ୍ଷତ୍ର ରାଘ ୧୦।୪୫ ପର୍ଯ୍ୟନ୍ତ । ବିଛା ଚନ୍ଦ୍ର ରାଘ ୧୦।୪୫ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ, ମୀନ ରାଶିର। ରାଘ ୧୦।୪୫ ଗତେ ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ, ମୀନ ରାଶିର। **ଘାତଚନ୍ଦ୍ର-** ରାଘ ୧୦।୪୫ ଗତେ ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଅଷ୍ଟମୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ତାଳ ଦିଘ ୧୧।୦୫ ଗତେ ନଡ଼ିଆ ଓ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୪୦ ଗତେ ଦିଘ ୬।୨୮ ମଧ୍ୟେ। ଦିଘ ୧୨।-୦୬ ଗତେ ଦିଘ ୩।୧୯ ମଧ୍ୟେ। **ପର୍ବୋତ୍ସବ-** ଲଳିତା ସପ୍ତମୀ, କୁକ୍କୁଟୀ ବ୍ରତ, ଦୁର୍ଗା ଶୟନ।

# ପିଲାଙ୍କ ମହାଭାରତ-୧୦୦



ନିତ୍ୟାନନ୍ଦ ପଣ୍ଡା

## ଶ୍ରୀକୃଷ୍ଣଙ୍କର ମଧ୍ୟସ୍ଥି ଭୂମିକା-୪



ଦୁଃଶାସନ ଶୁଣୁଥିଲା। ଭୀଷ୍ମ ଓ ଦ୍ରୋଣ, ଶ୍ରୀକୃଷ୍ଣଙ୍କ କଥାକୁ ସମର୍ଥନ କରୁଥିବା ଦେଖି ସେ ରାଗରେ ଜଳିଉଠିଲା । କହିଲା- ଭାଇ, ଏଠି ସବୁ ଠିକ୍ ଠାକ୍ ଚାଲିନାହିଁ। ମୋତେ ଲାଗୁଛି, ତୁମକୁ ଦଉଡ଼ିରେ ବାନ୍ଧି ପକେଇବେ ଓ ପାଣ୍ଡବମାନଙ୍କୁ ହସ୍ତାନ୍ତର କରିବେ। ଏଠାରେ ବସିବା ଠିକ୍ ନୁହଁ।

ସେ ଠିଆ ହୋଇପଡ଼ିଲା । ଦୁର୍ଯ୍ୟୋଧନ, ଦୁଃଶାସନ ଓ ସେମାନଙ୍କର ମିତ୍ରଗଣ ଦରବାରରୁ ତମତମ ହୋଇ ଉଠିଗଲେ।

ସେମାନେ ଚାଲିଗଲା ପରେ କୃଷ୍ଣ ସମାବେଶକୁ କହିଲେ- "ବର୍ତ୍ତମାନ କଂସ ଓ ଶିଶୁପାଳ ମୃତ । ତେଣୁ ଯାଦବ ଓ ବୃଷ୍ଣିମାନେ ସୁଖରେ କାଳାତିପାତ କରୁଛନ୍ତି। କଥା ହେଉଛି, ଦେଶର ମଙ୍ଗଳ ପାଇଁ ଯଦି କିଛି ତ୍ୟାଗ କରିବାକୁ ପଡ଼େ ତାହା ଦୋଷାବହ ନୁହଁ। ମୋ ମତ, ପୂରା ବଂଶକୁ ଧ୍ୱଂସ ମୁଖରୁ ରକ୍ଷା କରିବାକୁ ହେଲେ ରାଜା ଧୃତରାଷ୍ଟ୍ର ଦୁର୍ଯ୍ୟୋଧନକୁ ତ୍ୟାଗ କରନ୍ତୁ। ତାହା ଏକମାତ୍ର ଉପାୟ।"

ଧୃତରାଷ୍ଟ୍ର ଅତି ଅସହାୟ ଜଣାପଡ଼ିଲେ । କେଇ ମୁହୂର୍ତ୍ତ ନୀରବ ରହିଲେ। ତା'ପରେ କହିଲେ ବିଦୁରଙ୍କୁ- ତୁମେ ଯାଅ, ଦୂରଦୃଷ୍ଟି ସଂପନ୍ନ ଗାନ୍ଧାରୀଙ୍କୁ ଏଠାକୁ ନେଇଆସ । ସେ ମାତୃସ୍ନେହ ପ୍ରୟୋଗ କରି ଦୁର୍ଯ୍ୟୋଧନକୁ ବାଟକୁ ଆଣିପାରିବେ।

ବିଦୁର ଉଠିଗଲେ। ଆସି ପହଞ୍ଚିଲେ ଗାନ୍ଧାରୀ । ଗାନ୍ଧାରୀ ପହଞ୍ଚିବା ପରେ ଦୁର୍ଯ୍ୟୋଧନକୁ ସଭାକୁ ଡକାଗଲା । ଦୁର୍ଯ୍ୟୋଧନ ଆସିଲା। ମାଆ ପୁଅ ଦୁହେଁ କଥାହେଲେ। ଗାନ୍ଧାରୀ ସବୁମନ୍ତେ ପୁଅକୁ ବୁଝେଇବାକୁ ଚେଷ୍ଟାକଲେ। ହାୟ!

ଦୁର୍ଯ୍ୟୋଧନର ଗୋଟିଏ ଉତ୍ତର- ନା ।

ତେଣେ ଦୁର୍ଯ୍ୟୋଧନ ଓ ତାର ସଙ୍ଗୀମାନେ ବିଚାର ବିମର୍ଷ କଲେ । କୃଷ୍ଣ ସବୁରି ମୂଳ- ସେମାନେ ସିଦ୍ଧାନ୍ତରେ ପହଞ୍ଚିଲେ । ଉଚିତ୍ ବାଟ ହେଉଛି, କୃଷ୍ଣଙ୍କୁ ବାନ୍ଧି ପକେଇବା । ସେମାନେ ପ୍ରସ୍ତୁତ ହେଲେ।

ଏହି ଖବର ଦରବାରରେ ପହଞ୍ଚିଲା । କୃଷ୍ଣ ପୂର୍ବରୁ ଏହିପରି ଆଶଙ୍କା କରୁଥିଲେ । ସେ ହସିଲେ । ନିଜର ଦିବ୍ୟତା ପ୍ରଦର୍ଶନ କଲେ। ଅଳ୍ପ ସମୟ ପାଇଁ ଧୃତରାଷ୍ଟ୍ରଙ୍କର ଅନ୍ଧତ୍ୱ ଅପସରିଗଲା। ସେ କୃଷ୍ଣଙ୍କର ବିଶ୍ୱରୂପ ଦେଖିଲେ। ଦେଖିଲେ, ବିଶ୍ୱର ପ୍ରତ୍ୟେକ ବସ୍ତୁରେ ଶ୍ରୀକୃଷ୍ଣ।

"ନା, ଆଉ ଦେଖିପାରୁନାହିଁ । ମୋତେ ଅନ୍ଧ କରିଦିଅ ।" - ବିକଳ ହୋଇ କହିଲେ ଧୃତରାଷ୍ଟ୍ର।

ବର୍ତ୍ତମାନ ଅନ୍ଧ ଧୃତରାଷ୍ଟ୍ର ବସିଛନ୍ତି । ଟିକେ ପୂର୍ବରୁ ସେ ଯାହା ଦେଖିଥିଲେ ଭୁଲିସାରିଛନ୍ତି। କହିଲେ- ହେ ଗୋବିନ୍ଦ! ଦୁର୍ଯ୍ୟୋଧନ ମାନୁନାହିଁ, ମାନିବ ନାହିଁ।

ଶ୍ରୀକୃଷ୍ଣ ଠିଆହେଲେ। ତାଙ୍କ ଦୁଇ କଡ଼ରେ ସାତ୍ୟକି ଓ ବିଦୁର।

ସେ ଦରବାର ଛାଡ଼ିଲେ । ଗଲେ କୁନ୍ତୀଙ୍କ ପାଖକୁ । ଯାହା ଘଟିଲା ସବୁ କହିଲେ।

କାନ୍ଦିଲେ କୁନ୍ତୀ। କହିଲେ- ମୋ ପୁଅମାନଙ୍କୁ ରକ୍ଷାକର!

ଶ୍ରୀକୃଷ୍ଣ ରଥ ଆରୋହଣ କଲେ ଓ ଉପଲବ୍ୟ ଉଦ୍ଦେଶ୍ୟରେ ଯାତ୍ରାରମ୍ଭ କଲେ।

କୌରବ ଓ ପାଣ୍ଡବ ଯୁଦ୍ଧ ନିଶ୍ଚିତ ହୋଇଗଲା।

**ଆସ ମନେରଖିବା :** ଶ୍ରୀକୃଷ୍ଣ ସ୍ୱୟଂ ପରଂବ୍ରହ୍ମ। ସେ ମାନବ ରୂପରେ ଲୀଳାଖେଳା କରିଥିଲେ । ମୋ ଜାଣିବାରେ ସେ ଚାରିଜଣଙ୍କୁ ନିଜର ବିଶ୍ୱରୂପ ଦେଖେଇଥିଲେ । ଏକରେ ଯଶୋଦା, ଦୁଇରେ ଧୃତରାଷ୍ଟ୍ର, ତିନିରେ ଅର୍ଜୁନ ଓ ଚାରିରେ ଉତଙ୍ଗ ବ୍ରାହ୍ମଣ।

ମାନବ ରୂପରେ ସେ ଶହେପଚିଶ ବର୍ଷ ବଞ୍ଚିଥିଲେ। **(କ୍ରମଶଃ ...)**

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*



## ଦେବ ଶିଳିପି ଆସ

*ମହେନ୍ଦ୍ର କୁମାର ଘଡ଼େଇ*

ଧରା ଗଢ଼ିବା ପାଇଁ ଡାକୁଛୁ
ଦେବ ଶିଳିପି ଆସ
ସଫଳତାର ମନ୍ତର ଆମ
ପାଖରେ ପରକାଶ ।
ଧନ ଦରବ ଜ୍ଞାନଗରବ
କରମ କଉଶଳ
ନୂଆ ଗଢ଼ାରେ ସିଡ଼ି ଚଢ଼ାରେ
ନହେଉ ଟଳମଳ ।
ଶୁଭ ପଥରେ ପାଦ ଥାପିବା
ନ ଘଟୁ ଅଘଟଣ
ସତ ଧରମେ ସଫା ଚିତ୍ତରେ
କରୁଛୁ ମିଳି ପଣ ।
ଜ୍ଞାନ ବିଜ୍ଞାନ ସବୁ ଅସାର
ତୁମ ଆଶିଷ ବିନା
ଯୁଆଡ଼େ ଦେଖ ତୁମରି ଦାନ
ଦିଶେ ସୁନ୍ଦର ସିନା ।
କୋଟି ମନକୁ ଗୋଟିଏ କରି
ଟାଣିଛ ତୁମ ଆଡ଼େ
ବଡ଼ ଅମୂଲ ଶରଧା ଫୁଲେ
ସିନିହ ଝରି ପଡ଼େ।
ଅଭାବ ଦୁଃଖ ଦୂରେଇ ଆମ
ମୁହେଁ ଫୁଟାଅ ହସ
ଉଭେଇଯାଉ କୂଟ କପଟ
ମନୁ ବିଷାଦ ବିଷ।
ଅଳସ ମନ୍ଦବୁଦ୍ଧି ସପନ
ମାରା କରୁଛି ଯେତେ
ମନରୁ ଆମ ଦୂରେଇ ଦେଲେ
ଆଗକୁ ଯିବୁ କେତେ !

*କ୍ଷେତ୍ରମୋହନ ବିଦ୍ୟାପୀଠ, କଟରପଡ଼ା, ପିଠାପଡ଼ା, ନିଶ୍ଚିନ୍ତକୋଇଲି, କଟକ*
*ମୋ-୯୪୩୭୭୪୦୫୬୬*



## ଅବତରି ଆସ...

*ନଗେନ୍ଦ୍ର ନାଥ ପଟ୍ଟନାୟକ*

ଅବତରି ଆସ ବିଶ୍ୱକର୍ମା ପ୍ରଭୁ
ମରତକୁ ନଭଯାନରେ
ସଜା ହୋଇଲାଣି ମଣ୍ଡପ ତୁମର
ବିଜେ ହେବ ବୋଲି ମହୀରେ ।।
ସ୍ୱର୍ଣ୍ଣମୟୀ ଲଙ୍କା, ଦ୍ୱାରକା ଭବନ
ମାତ ଲକ୍ଷ୍ମୀଙ୍କର ଉଆସ
ସୃଷ୍ଟିର ସବୁରି ମୂଳରେ ରହିଛି
ତୁମ ଯାଦୁକରି ପରଶ ।।
ତୁମେ ପରା ପ୍ରଭୋ ଶିଳ୍ପୀକୁଳର
ଉପାସ୍ୟ ଆରାଧ୍ୟ ଦେବତା
ତୁମର ଅଦୃଶ୍ୟ କୁହୁକ ଛୁଆଁରେ
ଧରାରେ ପୂରିଛି ରମ୍ୟତା ।।
ବିଶ୍ୱ ତମାମ କଳାକୃତି ଯେତେ
ତୁମ କରସ୍ପର୍ଶେ ଜୀବନ୍ତ
ଝରି ପଡୁଅଛି କାରିଗର ତୁଣ୍ଡୁ
ତୁମ ଆଗମନ ସଙ୍ଗୀତ ।।
ଆସ ଆସ ସବୁ ଦର୍ଶନ କରିବା
ପୂଜା ମଣ୍ଡପରେ ପ୍ରଭୁଙ୍କୁ
ଭକତି ମଗନେ ପ୍ରାର୍ଥନା କରିବା
କଲ୍ୟାଣ କର ହେ ଆମକୁ ।।
କନ୍ୟା ସଂକ୍ରାନ୍ତିର ପୁଣ୍ୟ ତିଥିରେ
କରୁଛୁ ପ୍ରଣତି ଏତିକି
କରୁଣା ତୁମର ଝରୁଥାଉ ସଦା
ମରତବାସୀଙ୍କ ପାଇଁକି ।।


*ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,*
*ଓଡ଼ିଶା ସରକାର, ଲକ୍ଷ୍ମୀ ସାଗର*
*କେନାଲ ରୋଡ, ଭୁବନେଶ୍ୱର*
*ମୋ- ୯୪୩୮୩୩୨୧୩୮*

## ବିଶ୍ୱକର୍ମା ପୂଜା ଆସିଅଛି ମିତ...

*ରାମଚନ୍ଦ୍ର ବେହେରା*

ବିଶ୍ୱକର୍ମା ପୂଜା ଆସିଅଛି ମିତ
ତୋରଣ ହୋଇଛି ସଜା
ଗଜ ବାହନରେ ଆସିଛନ୍ତି ପ୍ରଭୁ
ମଣ୍ଡପେ ପାଇବେ ପୂଜା।
ଶ୍ରେଷ୍ଠ କାରିଗର ରୂପେ ପରିଚିତ
ଧନ୍ୟ ତାଙ୍କ କଳା କୃତୀ
ସ୍ୱର୍ଣ୍ଣମୟୀ ଲଙ୍କା ସ୍ୱର୍ଗ ଇନ୍ଦ୍ରପ୍ରସ୍ଥ
ତାଙ୍କରି ବିଚିତ୍ର ସୃଷ୍ଟି।
ଶ୍ରୀକ୍ଷେତ୍ରର ନାଥ ପ୍ରଭୁ ଜଗନ୍ନାଥ
ତାଙ୍କରି ଅମୂଲ୍ୟ ଦାନ
ଗୋଟିଏ ରାତିରେ ଦ୍ୱାରକା ଭବନ
କରିଥିଲେ ସିଏ ପୂର୍ଣ୍ଣ।
ଶିଳ୍ପୀକୁଳର ସେ ଆରାଧ୍ୟ ଦେବତା
ତାଙ୍କ କରୁଣା ଅପାର
ତାଙ୍କ ନିହାଣରେ ସାରା ବିଶ୍ୱ ଗଢା
ପ୍ରକୃତି ରୂପ ସୁନ୍ଦର।
ସରଗପୁରୀର ଅମରାବତୀକୁ
ତୋଳିଥିଲେ ନିଜ ହାତେ
ତାଙ୍କ ଅବଦାନ ସର୍ବ ବିଦ୍ୟମାନ
ସ୍ୱର୍ଗ ହେଉ ଅବା ମର୍ତ୍ତ୍ୟେ।
ଆସ ମିଳିମିଶି ମଣ୍ଡପରେ ତାଙ୍କୁ
ପୂଜିବା ଭକତି ଭରି
ଦୀପଟେ ଲଗେଇ ମୁଣ୍ଡିଆ ମାରିବା
ଦୁଃଖ ଯିବ ଅପସରି।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*



## ଆରାଧ୍ୟ ଦେବ ବିଶ୍ୱକର୍ମା

*ନୀଳମଣି ଚାନ୍ଦ*



ଏଇ ପୂଜାଟି କାହାର ପିଲେ
ଏଇ ପୂଜାଟି କାହାର
ଦେଖିବ ଯଦି ଏଇ ପୂଜାକୁ
ନାକ୍ଲୋନଗର ବାହାର।
ମୃଣ୍ମୟ ମୂର୍ତ୍ତି କାହାର ପିଲେ
ଗଣେଶ ସିଏ ନୁହଁନ୍ତି
ଆରାଧ୍ୟ ଦେବ ବିଶ୍ୱକର୍ମା ସେ
ଦେବଶିଳ୍ପୀ କେ କୁହନ୍ତି।
ଚକ୍ର, ବଟାଳି, ମାର୍ତ୍ତୁଲ ସିନା
ଧରିଛନ୍ତି ସେ ହାତରେ
ଦିବ୍ୟବସ୍ତ୍ରରେ ଭାରି ସୁନ୍ଦର
କରିବା ପ୍ରଣିପାତରେ।
ତାଙ୍କରି କଥା ଜାଣିବା ଆମେ
ପୁରାଣ ବସି ପଢିଲେ
ତାଙ୍କ କୃତିଟି ଅମରାବତୀ
ନିଖୁଣ କରି ଗଢିଲେ।
ଶିଳ୍ପ ପ୍ରଧାନ ଅଞ୍ଚଳ ଆଉ
ଶିକ୍ଷାନୁଷ୍ଠାନ ଯେତେରେ
ମେଢ଼, ତୋରଣ, ଆଲୋକସଜ୍ଜା
ଝଲସୁଛିଟି ସତରେ।
ମଥାଟି ନୋଇଁ ଡାକିବା ଆମେ
ତୁମରି ପରି ହୋଇବୁ
ଆଶିଷ ଢାଳ ଶିଳ୍ପ କ୍ଷେତ୍ରରେ
ଶୀର୍ଷରେ ଆମେ ରହିବୁ।

*ମନ୍ତମାନୋର, ଗୋଠପାଟଣା, ଭୁବନେଶ୍ୱର*
*ମୋ-୯୫୮୩୨୦୨୩୫୭*



## ଦେବଶିଳ୍ପୀ ବିଶ୍ୱକର୍ମା

*ଶିବପ୍ରସାଦ ଚାନ୍ଦ*

ଭାଦ୍ରବ ମାସର କନ୍ୟା ସଙ୍କରାନ୍ତି
ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା,
ମର୍ତ୍ତ୍ୟେ ଆବିର୍ଭୂତ ହୋଇ ସରଜିଲେ
ଶିଳ୍ପୀକୁଳ ପୁଣି, ତାଙ୍କର ଉର୍ଜା ।
ପୌରାଣିକ ମତ ଅଷ୍ଟମବସୁ ସେ
ପ୍ରଭାସ ଓ ଯୋଗସିଦ୍ଧାଙ୍କ କୋଳେ,
ଜନମ ଲଭିଲେ ଶିଳ୍ପୀକୁଳ ଲାଗି
ସ୍ୱଦେହରେ ପୁଣି ଏ ଧରା ତଳେ ।
ଅନ୍ୟ ଏକ ମତ ବ୍ରହ୍ମାଙ୍କର ନାଭି
କମଳରୁ ବିଶ୍ୱକର୍ମାଙ୍କ ଜାତ,
ତେଣୁ ତାଙ୍କୁ ବ୍ରହ୍ମା ରୂପେ ପୂଜା ହୁଏ
ପୁରାଣରେ ପୁଣି ଅଛି ଏ ମତ ।
ନାନା ରତ୍ନ ଅଳଙ୍କାର ବିଭୂଷିତ
ଗଳାରେ ଶୋହୁଛି ରତନହାର,
କର୍ଣ୍ଣରେ ମକରକୁଣ୍ଡଳ ଝଲସେ
ଦିବ୍ୟବସ୍ତ୍ର ପରିହିତ ଶରୀର ।
ବାମ ହସ୍ତେ ଶୋହେ ବଟାଳି, ମାର୍ତ୍ତୁଳ
ଦକ୍ଷିଣହସ୍ତରେ ଚକ୍ର ଶୋଭିତ,
ନିମ୍ନ ହସ୍ତ ପୁଣି ଅଭୟ ମୁଦ୍ରାରେ
କିଶୋର ପରି ରୂପ, ପ୍ରତିଭାତ।
ସମସ୍ତ ଦେବଙ୍କ ଅସ୍ତ୍ର ନିର୍ମାଣିଲେ
ସ୍ୱର୍ଗ ରାଜ୍ୟେ ଅମରାବତୀପୁର
ବିଶ୍ୱକର୍ମା ପୁଣି ଜନକ ଅଟନ୍ତି
ସମଗ୍ର ସୃଷ୍ଟିର, ଶିଳ୍ପୀ କୁଳର ।

*ପୁରୁଣିଆଁ, ଶାଳପଡ଼ା, କେନ୍ଦୁଝର*
*ଦୂରଭାଷ-୯୪୩୮୧୬୦୫୪୫*



## ଆକାଶେ ଭାସୁଛି କଳା ବଉଦ

*ସୁଜିତ କୁମାର ମିଶ୍ର*

ଆକାଶେ ଭାସୁଛି କଳା ବଉଦ
ବାଜା ବଜାଇ ଧୀରେ,
ମାଟିକୁ ଛୁଇଁବ ଧାରା ବରଷା
ଉଚ୍ଚ ଗର୍ଜନ ସ୍ୱରେ ।
ପୂଜା ପାରବଣ ପଡିବ ମାନ୍ଦା
ଆସିବ ଲଘୁଚାପ,
କାନ୍ଦୁଛି କଷଣେ ବରଷା ରାଣୀ
କରିଛି ବହୁ କୋପ ।
ଲୁଚିଯିବ ଆମ ସୂରୁଜ ଶକ୍ତି
ନୀଳ ଆକାଶ କୋଳେ,
ଘଡଘଡି ଆଉ ବିଜୁଳି ଶବ୍ଦେ
କମ୍ପିବ ଧରା କାଳେ ।
ଘଡିଘଡି ବର୍ଷା ଗର୍ଜନ କଲେ
ଭିଜିବ ଜାମାପଟା,
ଖେଳ ପଡିଆରେ ପାଣି ଜମିଲେ
ମନ ହୋଇବ ଖଟା ।
ଆକାଶରେ ଆଉ ଦେଖା ଯିବନି
ଜହ୍ନମାମୁଁର ମୁହଁ,
କୁନା, ମୁନା, ଲୁନା କାହାକୁ ଦେଖି
ଶାନ୍ତ ପଡିବେ କୁହ ?
ଚଷା ଭାଇ ଆମ ଦୁଃଖୀ ହୋଇବ
ଦେଖି ବରଷା ଗତି,
ସବୁଜିମା କ୍ଷେତ ନଷ୍ଟ ହୋଇବ
ମରତେ ଦିନରାତି ।
ଦୁଃଖ ଯାତନାର କଳା ବଉଦ
ଜୀବନେ ଆସେ ବୋଲି,
ନିରାଶାରେ ଭରା ବନ୍ଦ ଦୁଆର
ସଅଳ ଯାଏ ଖୋଲି ।

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ମୋ-୭୬୮୩୮୬୭୭୪୨*

## ଆସିଲା ଭାଦ୍ରବ ମାସ

*କୀର୍ତ୍ତନ ସାହୁ*

ଆସିଲା ଭାଦ୍ରବ ମାସ
ଚାଷୀ ଭାଇ ଏବେ
ବାକି ଯାହା ଥିବ
ସାରି ଦେବ ତାର ଚାଷ।
କମିବ ବରଷା ଝଡ଼ି
ବାଟ ଘାଟ ଶୁଖି
ପରିଷ୍କାର ହେବ
ନଥିବ ନଈରେ ବଢ଼ି ।
ନିର୍ମଳ ହୋଇବ ଜଳ
କୂଅ ପୋଖରୀରେ
ପାଣି କମି ଯିବ
କଇଁ ହେବ ଢ଼ଳ ଢ଼ଳ ।
ନ ଥିବ ବରଷା ଡର
ଛତା ବରଷାତି
ଲୋଡ଼ା ହେବ ନାହିଁ
ହେବା ନାହିଁ ହର ବର ।
ଫୁଟିବ ବାଡ଼ିରେ ଫୁଲ
କାଶତଣ୍ଡି ଫୁଟି
ସୁନ୍ଦର ଦିଶିବ
କେହି ନୁହେଁ ତାର ତୁଲ ।
ଆକାଶେ ଦିଶିବ ଜହ୍ନ
ତାରା ମେଳେ ତାର
ଶୋଭା ବଢ଼ି ଯିବ
କିଣି ନେଇ ଯିବ ମନ ।
ବଢ଼ିବ ଖରାର ଦାଉ
ଓଦା ଲୁଗା ପଟା
ଶୁଖିବା ପାଇଁ କି
ନ ଥିବ ଝିଂଝଟ ଆଉ ।

*ମିଶ୍ର କଲୋନୀ, ଶାଳପଡ଼ା, କେନ୍ଦୁଝର*
*ଦୂର ଭାଷ- ୯୪୩୮୪୧୪୭୦୧*

## କାଶ ଫୁଟି ହସିଲାଣି

*ଧ୍ରୁବ ଚରଣ ଘିବେଲା*



ଆକାଶରେ ନାହିଁ ଭସା ବାଦଲର
ମନୋରମ ପଟୁଆର
ବରଷା ବି ଆଉ ହେଉ ନାହିଁ ଏତେ
ବରଷୁନି ଝର ଝର ।
ବରଷା ଶେଷରେ ବାଟରେ ଘାଟରେ
କାଶ ଫୁଟି ଚାହିଁଲାଣି
ଉହୁଁଙ୍କି କି ଦେଖି ବିଲ ଗହୀରରୁ
ଏଠି ଅଛି କହିଲାଣି ।
କାଶଫୁଲ ଓଠେ କିରିକିରି ହସ
ଲାଖି କରି ରହିଲାଣି
ପବନ ସାଥିରେ ପବନ କତିରେ
ରହି ସୁଖ ଲଭିଲାଣି ।
ପବନ ଦୋଳିରେ ପୁଣି ବସିଗଲେ
ଖୁସି ତାର ବଢ଼ିଯାଏ
ପବନରେ ଝୁଲି ପବନରେ ଖେଳି
ମନ ତାର ଭରିଥାଏ ।
ଶରତ ସୌନ୍ଦର୍ଯ୍ୟ ବାଢ଼ିଦେବା ପାଇଁ
କାଶ ହସି ରହିଲାଣି
ଶରତ ଆସିବା ଆଗରୁ ଫୁଟିକି
ଆଖି ଠାରି ଡାକିଲାଣି ।
ମରତର ଶୋଭା ଶରତର ଆଭା
ବାଢ଼ି ଦେଇଥାଏ କାଶ
ମରତରେ ଆଜି କାଶ ହସି ହସି
କଲାଣି ଆତ୍ମପ୍ରକାଶ ।

*ବଉଦରାଜ -୭୬୨୦୧୪,*
*ବୌଦ୍ଧ*
*ମୋ-୯୪୩୭୪୭୮୪୬୬*



## କହିଲ ଦେଖି

*ଜଗଦୀଶ ସାହୁ*


ପାହାଡ଼ ତଳେ ସବୁଜ କ୍ଷେତ
ଦିଶଇ ମନଲୋଭା
କ୍ଷେତକୁ ଯେଉଁ ହୁଡ଼ା ଜଗିଛି
ଘାସରେ ଦିଶେ ଶୋଭା
କ୍ଷେତ ଶସ୍ୟରୁ ଚାଉଳ ହୁଏ
ଶସ୍ୟର ନାମ କହିବ ଯିଏ
ସୁନାପିଲାଟି ସିଏ।

ପାହାଡ଼ ଛାତି ଚିରି
କୁଲୁକୁଲୁ ସୁରେ ବହିଯାଏ ପାଣି
ତଳକୁ ମୁହଁ କରି
ନାଆଁଟି ତାର ଜାଣିଛ ଯେବେ
କହଲୋ ଗୁରୁବାରୀ ।

ଏ ନବୀନା
କଥାମାନି ନଈ ପଠାକୁ ଅନା
ଖରାପଡି ରଙ୍ଗ ଉଠୁଛି ଝଳି
ପବନରେ ଫୁଲ ଖେଳୁଛି ଦୋଳି
କେଡେ ସୁନ୍ଦର
ଧଳା ରଙ୍ଗର
ଦୂରକୁ ଦିଶୁଛି ଧଳା ଚାମର
ଚାରି ଅକ୍ଷର ତା' ନାଆଁଟି ସିନା
କେଉଁ ଫୁଲ ସିଏ କହ ନବୀନା।

*ସଂଜପଡା, ହିନ୍ଦୋଳ,*
*ଢେଙ୍କାନାଳ-୭୫୯୧୨୮*
*ମୋ-୯୦୭୮୧୮୫୬୧୬*

## ପାଞ୍ଚ ନୂଆ ବନ୍ଧୁ



ଡ. ଦ୍ୱିତୀ ଚନ୍ଦ୍ର ସାହୁ



'ପିଲାମାନେ... କାଲି 'ଆମ ରେଡ଼ିଓ'ରେ କିଏ କଥା କହିବ?' ଗୁରୁଜୀଙ୍କ ପ୍ରଶ୍ନ ଶୁଣି ସମସ୍ତ ଶ୍ରେଣୀ ନିରବ ହୋଇଗଲା। ବିଦ୍ୟାଳୟର କିଛି ଦିନ ହେଲା ଗୁରୁଜୀ ଏକ ଅଭିନବ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ 'ଆମ ରେଡ଼ିଓ'। ଏହି ୱେବ ରେଡ଼ିଓରେ ପିଲାମାନେ ନିଜ ଭାବନା କହିବେ, ମଜାଦାର ଗପ ଶୁଣାଇବେ ଓ ନୂଆ ନୂଆ ଜ୍ଞାନ ବାଣ୍ଟି ପାରିବେ ବୋଲି ଗୁରୁଜୀ ଶିଶୁ ସଭାରେ ପିଲାମାନଙ୍କୁ ବୁଝାଇଥିଲେ।

ଠିକ୍ ସେତିକିବେଳେ ସୌମେନ୍ଦ୍ର ଉଠି ଠିଆ ହେଲା। 'ଗୁରୁଜୀ, ମୁଁ କହିବି।'

'କେଉଁ ବିଷୟରେ?' ଗୁରୁଜୀ ପଚାରିଲେ।

ସୌମେନ୍ଦ୍ର ହସି କହିଲା, 'ଏବେ କହିବିନି। କାଲି ରେଡ଼ିଓରେ ଶୁଣିବେ।'

ସମସ୍ତେ ଜାଣନ୍ତି ସୌମେନ୍ଦ୍ର ଥିଲା ଖୁବ୍ ଭଲ ପିଲା। ପଢ଼ାରେ ସେ ଯେପରି ଆଗୁଆ, ଶାଠ ଓ ଅନ୍ୟାନ୍ୟ ସହପାଠ୍ୟ କାର୍ଯ୍ୟକ୍ରମରେ ମଧ୍ୟ ସେମିତି ପାରଙ୍ଗମ। ନୂଆ କଥା ଜାଣିବା ଓ ଅନ୍ୟମାନଙ୍କୁ ଜଣାଇବା ଥିଲା ତାର ସବୁଠାରୁ ବଡ଼ ସଉକ। ସେଦିନ ସନ୍ଧ୍ୟାରେ ସୌମେନ୍ଦ୍ର ପଢ଼ା ଟେବୁଲ୍‌ରେ ବସିଥିଲା। ହଠାତ୍ ବିଦ୍ୟୁତ ଚାଲିଗଲା। ଘର ଅନ୍ଧାର ହୋଇଗଲା। ଜେଜେମା କହିଲେ- 'ଆଗରୁ ତ ଲୋକେ ଲଣ୍ଠନ ଜାଳି କାମ କରୁଥିଲେ। ଏବେ ବିଦ୍ୟୁତ ନଥିଲେ ସବୁ କାମ ଅଟକିଯାଉଛି।'

ସେତିକିବେଳେ ସୌମେନ୍ଦ୍ରଙ୍କ ମନେ ପଡ଼ିଲା ଘର ଛାତ ଉପରେ ଲାଗିଥିବା ସୋଲାର ପ୍ୟାନେଲ୍ କଥା। ତାର ମନରେ ପ୍ରଶ୍ନ ଆସିଲା- 'ଆମ ପାଖରେ ତ ସୂର୍ଯ୍ୟ ଅଛି, ପବନ ଅଛି, ଗଛପତ୍ର ଓ ଗୋବର ଅଛି। ତାହେଲେ ଏସବୁ କି ଇନ୍ଧନ ହୋଇପାରିବ ନାହିଁ?'

ପରଦିନ ସେ ପୁସ୍ତକାଳୟକୁ ଗଲା। ଗୁରୁଜୀଙ୍କ ସହ ଆଲୋଚନା କଲା। ଅନେକ ତଥ୍ୟ ଜାଣିଲା। ସେ ବୁଝିଲା ଯେ ଏଗୁଡ଼ିକୁ ବିକଳ୍ପ ଇନ୍ଧନ କୁହାଯାଏ। ଏଗୁଡ଼ିକ କେବଳ ଇନ୍ଧନ ନୁହେଁ, ପୃଥିବୀର ଭବିଷ୍ୟତକୁ ମଧ୍ୟ ସୁରକ୍ଷା କରନ୍ତି ।

ପରଦିନ ସକାଳେ 'ଆମ ରେଡ଼ିଓ' ଆରମ୍ଭ ହେଲା।

'ନମସ୍କାର ବନ୍ଧୁମାନେ!' ସୌମେନ୍ଦ୍ରର ସ୍ୱର ରେଡ଼ିଓରେ ଭାସି ଆସିଲା। 'ଆଜି ମୁଁ ଆପଣମାନଙ୍କୁ ପାଞ୍ଚଜଣ ନୂଆ ବନ୍ଧୁଙ୍କ ସହ ପରିଚୟ କରାଇବି'।

ସବୁ ପିଲା ଆଶ୍ଚର୍ଯ୍ୟ ହୋଇଗଲେ। 'ପାଞ୍ଚ ଜଣ ବନ୍ଧୁ?'

ସୌମେନ୍ଦ୍ର କହିଲା- 'ହଁ। ପ୍ରଥମ ବନ୍ଧୁ ସୂର୍ଯ୍ୟ। ସେ ଆମକୁ ସୋଲାର ଶକ୍ତି ଦିଏ। ଦ୍ୱିତୀୟ ବନ୍ଧୁ ପବନ। ସେ ବାୟୁଚକ୍ର ବୁଲାଇ ବିଦ୍ୟୁତ ତିଆରି କରେ। ତୃତୀୟ ବନ୍ଧୁ ଗୋବର ଓ ରୋଷେଇ ଅଳିଆ। ସେଥିରୁ ବାୟୋଗ୍ୟାସ ମିଳେ। ଚତୁର୍ଥ ବନ୍ଧୁ ଇଥାନଲ୍, ଯାହା ଆଖୁ ଭଳି ଫସଲରୁ ତିଆରି ହୁଏ। ଆଉ ପଞ୍ଚମ ବନ୍ଧୁ ବିଦ୍ୟୁତ, ଯାହାର ସାହାଯ୍ୟରେ ଇଲେକ୍ଟ୍ରିକ୍ ଗାଡ଼ି ଧୂଆଁ ନଛାଡ଼ି ରାସ୍ତାରେ ଚାଲିପାରେ।'

ତାପରେ ସେ କହିଲା - 'ଏହି ପାଞ୍ଚ ବନ୍ଧୁ ଆମକୁ ଶିଖାନ୍ତି-ପ୍ରକୃତିକୁ ଭଲ ପାଅ, ଶକ୍ତିର ଅପଚୟ କରନି ଏବଂ ପ୍ରଦୂଷଣ କମାଅ। ତା ସହିତ ତେଲ ସଙ୍କଟ ହେଉ କି ଘନ ଘନ ବିଜୁଳି କାଟ ହେଲେ ବି ଆମେ ଆମର କାମ ଏଣିକି ସ୍ୱାଭାବିକ ଭାବରେ କରିପାରିବା।'

ରେଡ଼ିଓ କାର୍ଯ୍ୟକ୍ରମ ସରିବା ପରେ ଗୁରୁଜୀ କହିଲେ- 'ଆଜି ସୌମେନ୍ଦ୍ର କେବଳ ଗୋଟିଏ ବିଷୟ କହିନାହିଁ; ସେ ଆମ ସମସ୍ତଙ୍କ ଚିନ୍ତାଧାରାକୁ ବଦଳାଇ ଦେଇଛି।'

ସେହିଦିନ ଠାରୁ ବିଦ୍ୟାଳୟରେ ଏକ ନୂଆ ଅଭିଯାନ ଆରମ୍ଭ ହେଲା- 'ସବୁଜ ଶକ୍ତି, ସୁନ୍ଦର ପୃଥିବୀ।' ପିଲାମାନେ ଘରେ ଓ ବିଦ୍ୟାଳୟରେ ବିଦ୍ୟୁତ ସଞ୍ଚୟ କରିବା, ଗଛ ଲଗାଇବା ଓ ବିକଳ୍ପ ଇନ୍ଧନ ବିଷୟରେ ଅନ୍ୟମାନଙ୍କୁ ସଚେତନ କରିବାକୁ ସଂକଳ୍ପ ନେଲେ। ପିଲାଙ୍କ ଭିତରେ ନୂଆ ପରିବର୍ତ୍ତନ ଦେଖାଗଲା।

*ଇନ୍ଦିରା ନଗର, ଚତୁର୍ଥ ଗଳି,*
*ରାୟଗଡା-୭୬୫୦୦୧*
*ମୋ-୯୪୩୭୯୦୯୬୭୧*

# ଏସିଆନ ଗେମ୍ସ : ଟିମ୍ ଇଣ୍ଡିଆରୁ ବାଦ୍ ପଡ଼ିଲେ ବରୁଣ ଚକ୍ରବର୍ତ୍ତୀ



**ନୂଆଦିଲ୍ଲୀ**

ଏସିଆନ ଗେମ୍ସ ପୂର୍ବରୁ ଭାରତୀୟ ଦଳକୁ ବଡ଼ ଝଟ୍‌କା ଲାଗିଛି। ଅଭିଜ୍ଞ ସ୍ପିନର ବରୁଣ ଚକ୍ରବର୍ତ୍ତୀ ସାଇଡ୍ ଷ୍ଟ୍ରେନ୍ ଯୋଗୁଁ ଏହି ମହାଦ୍ୱୀପୀୟ କ୍ରୀଡ଼ାରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ଯୁବ ଲେଗ୍-ସ୍ପିନ ଅଲରାଉଣ୍ଡର ବିପରାଜ ନିଗମଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି। ଏସିଆନ ଗେମ୍ସର ଆୟୋଜନ ସେପ୍ଟେମ୍ବର ୧୯ ରୁ ଜାପାନର ଆଇଚି-ନାଗୋୟାରେ ହେବାକୁ ଯାଉଛି। ଏଥିରେ ପୁରୁଷ କ୍ରିକେଟ୍ ପ୍ରତିଯୋଗିତା ସେପ୍ଟେମ୍ବର ୨୪ ରୁ ଆରମ୍ଭ ହେବ ଏବଂ ଭାରତୀୟ ଦଳ ସିଧାସଳଖ କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟରୁ ନିଜର ଅଭିଯାନ ଆରମ୍ଭ କରିବ।

ବିସିସିଆଇର ଏକ ସୂତ୍ର ପିଟିଆଇକୁ କହିଛନ୍ତି ଯେ ବରୁଣ ବର୍ତ୍ତମାନ ଅନିର୍ଦ୍ଦିଷ୍ଟ କାଳ ପାଇଁ ଦଳରୁ ବାହାରେ ରହିବେ। ସେ କହିଛନ୍ତି, 'ବରୁଣ ଅନିର୍ଦ୍ଦିଷ୍ଟ ସମୟ ପାଇଁ ବାହାରେ ଅଛନ୍ତି। ଲମ୍ବା ତାଲିକାରେ ବିପରାଜ ନିଗମ ଏବଂ କୁଲଦୀପ ଯାଦବ ଦୁଇଟି ଉପଲବ୍ଧ ବିକଳ୍ପ ଥିଲେ। କୁଲଦୀପ ଏହି ମାସ ଶେଷରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଦିନିକିଆ ଖେଳିବେ।' ଏହି କାରଣରୁ ୨୨ ବର୍ଷୀୟ ବିପରାଜଙ୍କୁ ଏସିଆଡ୍ ଦଳରେ ସାମିଲ କରାଯାଇଛି। ବିପରାଜ ଆଇପିଏଲରେ ଦିଲ୍ଲୀ କ୍ୟାପିଟାଲ୍ସର ପ୍ରତିନିଧିତ୍ୱ କରନ୍ତି। ସେ ଏପର୍ଯ୍ୟନ୍ତ ଏହି ଲିଗ୍‌ରେ ୧୯ଟି ମ୍ୟାଚ୍ ଖେଳି ୧୩ଟି ୱିକେଟ୍ ନେଇଛନ୍ତି।

ବୋଲିଂ ସହ ବିସ୍ଫୋରକ ବ୍ୟାଟିଂ କରିପାରନ୍ତି ବିପରାଜ : ବିପରାଜଙ୍କ ବିଶେଷତ୍ୱ କେବଳ ତାଙ୍କର ଲେଗ୍-ସ୍ପିନ ବୋଲିଂ ନୁହେଁ। ସେ ଆଇପିଏଲ୍‌ରେ ବ୍ୟାଟିଂରେ ମଧ୍ୟ ନିଜର ଦକ୍ଷତା ଦେଖାଇଛନ୍ତି। ତାଙ୍କ କ୍ୟାରିୟରର ଷ୍ଟ୍ରାଇକ୍ ରେଟ୍ ପ୍ରାୟ ୧୭୬ ରହିଛି, ଯାହା ତାଙ୍କର ଆକ୍ରମଣାତ୍ମକ ବ୍ୟାଟିଂ ଶୈଳୀକୁ ଦର୍ଶାଉଛି। ଏଭଳି ପରିସ୍ଥିତିରେ ଭାରତୀୟ ଦଳକୁ ବିପରାଜଙ୍କ ରୂପରେ ଏକ ଏଭଳି ଖେଳାଳି ମିଳିଛନ୍ତି, ଯିଏ ବୋଲିଂ ସହିତ ନିମ୍ନ କ୍ରମରେ ଦ୍ରୁତ ଗତିରେ ରନ୍ ସଂଗ୍ରହ କରିବାର କ୍ଷମତା ମଧ୍ୟ ରଖିଛନ୍ତି।

୩୫ ବର୍ଷୀୟ ବରୁଣ ଚକ୍ରବର୍ତ୍ତୀଙ୍କୁ ଆଫଗାନିସ୍ତାନ ବିପକ୍ଷ ଚାଲିଥିବା ଟି୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ ସମୟରେ ଆଘାତ ଲାଗିଥିଲା। ମ୍ୟାଚ୍ ପରେ ସେ ଅସହଜତା ଅନୁଭବ କରୁଥିବା ନେଇ ଅଭିଯୋଗ କରିଥିଲେ। ଏହାପରେ ତାଙ୍କୁ ଅଧିକ ଯାଞ୍ଚ ଏବଂ ଆକଳନ ପାଇଁ ବିସିସିଆଇର ସେଣ୍ଟର ଅଫ୍ ଏକ୍ସିଲେନ୍ସକୁ ପଠାଯାଇଥିଲା। ଚୋଟ କାରଣରୁ ସେ ଆଫଗାନିସ୍ତାନ ବିପକ୍ଷ ଚାଲିଥିବା ଟି-୨୦ ସିରିଜ୍‌ରୁ ମଧ୍ୟ ବାଦ୍ ପଡ଼ିଛନ୍ତି। ବରୁଣଙ୍କ ପାଇଁ ଏହି ଆଘାତ ଏଥିପାଇଁ ମଧ୍ୟ ଏକ ବଡ଼ ଝଟ୍‌କା, କାରଣ ସେ ହାମଷ୍ଟ୍ରିଂ ଜନିତ ସମସ୍ୟାରୁ ମୁକୁଳିବା ପରେ ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସେ ଆଫଗାନିସ୍ତାନ ବିପକ୍ଷ ସିରିଜ୍ ପୂର୍ବରୁ ଫିଟ୍ ହୋଇ ଭାରତୀୟ ଦଳକୁ ଫେରିଥିଲେ। ତଥାପି ପ୍ରଥମ ମ୍ୟାଚ୍ ପରେ ହିଁ ସାଇଡ୍ ଷ୍ଟ୍ରେନ୍ ସମସ୍ୟା ସାମ୍ନାକୁ ଆସିବା ଯୋଗୁଁ ତାଙ୍କ ପ୍ରତ୍ୟାବର୍ତ୍ତନ ଉପରେ ବ୍ରେକ୍ ଲାଗିଛି।

## ଆଇସିସି ଜାରି କଲା ଟି-୨୦ ର‌୍ୟାଙ୍କିଂ

# ପାକିସ୍ତାନୀ ବ୍ୟାଟ୍ସମ୍ୟାନଙ୍କୁ ପଛରେ ପକାଇଲେ ଅଭିଷେକ ଶର୍ମା

**ନୂଆଦିଲ୍ଲୀ**

ଆଇସିସି ଗୁରୁବାର ନିଜ ସଦ୍ୟତମ ଟି-୨୦ ର‌୍ୟାଙ୍କିଂ ଜାରି କରିଛି। ଏହି ର‌୍ୟାଙ୍କିଂରେ ଭାରତୀୟ ଦଳର ଷ୍ଟାର ବ୍ୟାଟ୍ସମ୍ୟାନ୍ ଅଭିଷେକ ଶର୍ମାଙ୍କୁ ବଡ଼ ଲାଭ ମିଳିଛି। ସେ ପାକିସ୍ତାନୀ ଓପନର୍ ସାହିବଜାଦା ଫରହାନଙ୍କୁ ପଛରେ ପକାଇଛନ୍ତି। ଆଇସିସି ଏହି ସଦ୍ୟତମ ର‌୍ୟାଙ୍କିଂରେ ଭାରତର ଇଶାନ କିଶନ ପ୍ରଥମ ସ୍ଥାନରେ ଅଛନ୍ତି। ର‌୍ୟାଙ୍କିଂରେ ଜସ୍ ବଟଲରଙ୍କୁ ମଧ୍ୟ ସାମାନ୍ୟ ଫାଇଦା ମିଳିଥିବା ବେଳେ, ତିଲକ ବର୍ମା ଆହୁରି ତଳକୁ ଖସି ଯାଇଛନ୍ତି।

ଭାରତ ବନାମ ଆଫଗାନିସ୍ତାନ ଟି-୨୦ ସିରିଜ୍ ମଧ୍ୟରେ ଆଇସିସି ତରଫରୁ ଟି-୨୦ର ଏହି ନୂଆ ର‌୍ୟାଙ୍କିଂ ଜାରି କରାଯାଇଛି। ଭାରତର ଇଶାନ କିଶନ ୯୧୩ ରେଟିଂ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଛନ୍ତି। ସୂଚନାଯୋଗ୍ୟ ଯେ ଆଫଗାନିସ୍ତାନ ବିପକ୍ଷରେ ଚାଲିଥିବା ସିରିଜର ପ୍ରଥମ ମ୍ୟାଚ୍‌ରେ ଇଶାନ ୪୨ ରନ୍ କରିଥିଲେ, ସେହିପରି ଦ୍ୱିତୀୟ ମ୍ୟାଚରେ ସେ ୩୮ ରନ୍ କରି ଅପରାଜିତ ରହିଥିଲେ। ଏହାର ଫାଇଦା ତାଙ୍କର ର‌୍ୟାଙ୍କିଂ ଓ ରେଟିଂରେ ମଧ୍ୟ ଦେଖିବାକୁ ମିଳିଛି।



ଆଇସିସି ଜାରି କରିଥିବା ସଦ୍ୟତମ ର‌୍ୟାଙ୍କିଂରେ ଭାରତର ଓପନର୍ ଅଭିଷେକ ଶର୍ମା ଗୋଟିଏ ସ୍ଥାନ ଉପରକୁ ଉଠିଛନ୍ତି। ସେ ବର୍ତ୍ତମାନ ଦ୍ୱିତୀୟ ସ୍ଥାନରେ ପହଞ୍ଚିଯାଇଛନ୍ତି। ଅଭିଷେକ ଶରର୍ମାଙ୍କ ରେଟିଂ ବର୍ତ୍ତମାନ ୮୬୨ ହୋଇ ଯାଇଛି। ଆଫଗାନିସ୍ତାନ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ହିଁ ଅଭିଷେକ ଏକ ଦମଦାର ଅର୍ଦ୍ଧଶତକ ହାସଲ କରିଥିଲେ। ଅନ୍ୟପଟେ ପାକିସ୍ତାନର ସାହିବଜାଦା ଫରହାନ ତୃତୀୟ ସ୍ଥାନକୁ ଖସି ଯାଇଛନ୍ତି। ତାଙ୍କର ରେଟିଂ ୮୪୮ ରହିଛି।

ଇଂଲଣ୍ଡର ପୂର୍ବତନ ଅଧିନାୟକ ତଥା ଓପନର୍ ଜସ୍ ବଟଲରଙ୍କୁ ମଧ୍ୟ ବଡ଼ ଲାଭ ମିଳିଛି। ସେ ଏକ ସ୍ଥାନ ଉପରକୁ ଉଠି ୭ ନମ୍ବର ସ୍ଥାନରେ ପହଞ୍ଚିଯାଇଛନ୍ତି। ଶ୍ରୀଲଙ୍କା ବିପକ୍ଷରେ ଚାଲିଥିବା ସିରିଜର ପ୍ରଥମ ମ୍ୟାଚ୍‌ରେ ହିଁ ଜସ୍ ୮୦ ରନ୍‌ର ଏକ ଚମତ୍କାର ଇନିଂସ ଖେଳିଛନ୍ତି। ଜସ୍ ଉପରକୁ ଉଠିବା ଫଳରେ ଭାରତର ତିଳକ ବର୍ମାଙ୍କୁ କ୍ଷତି ସହିବାକୁ ପଡ଼ିଛି। ସେ ୭୪୦ ରେଟିଂ ସହ ୮ ନମ୍ବର ସ୍ଥାନକୁ ଖସି ଯାଇଛନ୍ତି।

ଅନ୍ୟପଟେ ବିଗତ କିଛି ମାସ ହେବ ଜସପ୍ରୀତ ବୁମ୍‌ରା ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଦୂରେଇ ରହିବା ଯୋଗୁଁ ତାଙ୍କ ଆଇସିସି ର‌୍ୟାଙ୍କିଂ ଉପରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା, ଯେଉଁଥିରେ ଏବେ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିବା ସହ ସେ ଏଥିରେ ସୁଧାର ଆଣିବାରେ ସଫଳ ହୋଇଛନ୍ତି। ଆଇସିସି ତରଫରୁ ଜାରି କରାଯାଇଥିବା ସର୍ବଶେଷ ର‌୍ୟାଙ୍କିଂ ଅପଡେଟ୍‌ରେ ଜସପ୍ରୀତ ବୁମ୍‌ରା ଟି-୨୦ ବୋଲର ର‌୍ୟାଙ୍କିଂରେ ୭ଟି ସ୍ଥାନ ଉପରକୁ ଉଠି ସିଧାସଳଖ ୧୦ମ ସ୍ଥାନରେ ପହଞ୍ଚିଯାଇଛନ୍ତି।

ବର୍ତ୍ତମାନ ଭାରତ ଏବଂ ଆଫଗାନିସ୍ତାନ ମଧ୍ୟରେ ଟି-୨୦ ସିରିଜ୍ ଜାରି ରହିଛି। ସିରିଜ୍‌ର ତୃତୀୟ ତଥା ଶେଷ ମ୍ୟାଚ୍ ଆସନ୍ତା ୧୭ ସେପ୍ଟେମ୍ବର ୨୦୨୬ରେ ଖେଳାଯିବ। ଏଥିରେ ଭାରତୀୟ ଖେଳାଳିମାନେ ଯେଭଳି ପ୍ରଦର୍ଶନ କରିବେ, ତାହାର ପ୍ରଭାବ ପରବର୍ତ୍ତୀ ର‌୍ୟାଙ୍କିଂ ଉପରେ ଦେଖିବାକୁ ମିଳିବ।

# ଅକ୍ଟୋବର ୨୮ରେ ଡବ୍ଲ୍ୟୁପିଏଲ୍ ନିଲାମ

**ନୂଆଦିଲ୍ଲୀ**



ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ନିଲାମ ଆସନ୍ତା ମାସ ୨୮ ତାରିଖରେ କୋଚିରେ କରିବାକୁ ବିସିସିଆଇ ଚିନ୍ତା କରିଛି। ବିସିସିଆଇ ଓ ଡବ୍ଲ୍ୟୁପିଏଲ୍ ପରିଚାଳନା ପରିଷଦ ମଧ୍ୟରେ ହୋଇଥିବା ଭର୍ଚୁଆଲ୍ ବୈଠକରେ ୨୦୨୭ ଋତୁ ପାଇଁ ଯୋଜନା ଚୂଡ଼ାନ୍ତ ହୋଇଛି। ଏହି ବୈଠକରେ ବାରାଣାସୀରେ ପ୍ରଥମ ଥର ଡବ୍ଲ୍ୟୁପିଏଲ୍‌ର କିଛି ମ୍ୟାଚ୍ ଖେଳାଯିବା ନେଇ ମଧ୍ୟ ଆଲୋଚନା ହୋଇଛି।

ଏବେ ମ୍ୟାଚ୍ ଆୟୋଜନର ପ୍ରାଥମିକତା ତାଲିକାରେ ୨ଟି ଭେନ୍ୟୁ ମୁମ୍ବାଇର ବ୍ରାବୋର୍ଣ୍ଣ ଷ୍ଟାଡିୟମ୍ ଓ ବଡ଼ୋଦରାର କୋଟାମ୍ବି ଷ୍ଟାଡିୟମ୍ ରହିଛି। ଫେବୃୟାରୀ ମଧ୍ୟଭାଗରେ ଭାରତ ପ୍ରଥମ ମହିଳା ଚାମ୍ପିଅନ୍ସ ଟ୍ରଫି ଆୟୋଜନ କରିବ। ତେଣୁ ଏହା ପୂର୍ବରୁ ଜାନୁଆରି ଓ ଫେବୃୟାରୀ ମଧ୍ୟ ଡବ୍ଲ୍ୟୁପିଏଲ୍ ସାରିଦେବାକୁ ବିସିସିଆଇ ଯୋଜନା କରିଛି। ଗତ ବର୍ଷ ଡବ୍ଲ୍ୟୁପିଏଲ୍ କେବଳ ୨ଟି ସ୍ଥାନରେ ଖେଳାଯାଇଥିଲା। ଏହା ପୂର୍ବରୁ କିନ୍ତୁ ୪ ଭେନ୍ୟୁରେ ଆୟୋଜିତ ହେଉଥିଲା। ଯଦି ବାରାଣାସୀ ନୂଆ ଭେନ୍ୟୁ ହୁଏ। ତେବେ ଏହା ୟୁପି ୱାରିୟର୍ଜର ଘରୋଇ ପଡ଼ିଆ ହେବ।

# ବିଶ୍ୱ ପାରା ସୁଟିଂ : ଭାରତକୁ ମିଳିଲା ସ୍ୱର୍ଣ୍ଣ, ରୌପ୍ୟ

**ଚାଙ୍ଗୱନ**

ଭାରତୀୟ ପାରା ସୁଟରମାନେ ଚଳିତ ଚାଙ୍ଗୱନ୍ ୨୦୨୬ ଡବ୍ଲ୍ୟୁଏସ୍‌ପିଏସ୍ ପାରା ସୁଟିଂ ବିଶ୍ୱ ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରି ଦଳଗତ ଇଭେଣ୍ଟରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ କରାୟତ୍ତ କରିଛନ୍ତି। ମିଲି ଶାହ, ମୋନା ଅଗ୍ରୱାଲ ଓ ଅବନୀ ଲେଖାରାଙ୍କୁ ନେଇ ଗଠିତ ଭାରତୀୟ ଦଳ ଆର୨ ମହିଳା ୧୦ ମିଟର ଏୟାର ରାଇଫଲ୍ ଷ୍ଟାଣ୍ଡିଂ ଏସ୍‌ଏଚ୍୧ ଦଳଗତ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିଲେ। ସେହିଭଳି ରାକେଶ ନିଦାଗୁଣ୍ଡି, ଆନନ୍ଦ କ୍ରିଷ୍ଣା, ସ୍ୱରୂପ ଉନ୍‌ହଲ୍‌କାରଙ୍କ ନେଇ ଗଠିତ ଭାରତୀୟ ଦଳ ଆର୧ ପୁରୁଷ ୧୦ ମିଟର ଏୟାର ରାଇଫଲ ଷ୍ଟାଣ୍ଡିଂ ଏସ୍‌ଏଚ୍୧ ଦଳଗତ ଇଭେଣ୍ଟରେ ରୌପ୍ୟ ପାଇଥିଲେ। ୫ ସିରିଜ୍‌ରେ ଏମାନେ ୧୮୩୬.୩ ସ୍କୋର କରିଥିଲେ। ମହିଳା ଦଳ ୧୮୭୮.୬ ସ୍କୋର କରିଥିଲେ। ବ୍ୟକ୍ତିଗତ ବର୍ଗରେ ମୋନା ଓ ଅବନୀ ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ଜିତିଥିଲେ।



# ଇତିହାସ ରଚିଲେ ବ୍ରୁକ୍



**ସାଉଥହାମ୍ପଟନ୍**

ଇଂଲଣ୍ଡ ଅଧିନାୟକ ହ୍ୟାରି ବ୍ରୁକ୍ ଚଳିତ ବର୍ଷ ଚମତ୍କାର ଫର୍ମରେ ରହିଛନ୍ତି। ମଙ୍ଗଳବାର ଏଠାରେ ଖେଳାଯାଇଥିବା ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟ୍ୱେଣ୍ଟି-୨୦ରେ ସେ ଅପରାଜିତ ୧୧୪ ରନ୍ କରି ନୂଆ ମାଇଲଖୁଣ୍ଟ ଛୁଇଁଥିଲେ। ଗୋଟିଏ କ୍ୟାଲେଣ୍ଡର ବର୍ଷରେ ୨ ଟ୍ୱେଣ୍ଟି-୨୦ ଶତକ ହାସଲ କରିବାରେ ସେ ପୂର୍ଣ୍ଣ ସଦସ୍ୟ ଦଳର ଏକମାତ୍ର ଅଧିନାୟକ ହେବାର ଗୌରବ ଅର୍ଜନ କରିଛନ୍ତି।

ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌ରେ ୪୨ ବଲ୍‌ରେ ଶତକ ଅର୍ଜନ କରିଥିବା ବ୍ରୁକ୍ ୪୯ ବଲ୍‌ରୁ ୧୧୪ ରନ୍ କରି ଅପରାଜିତ ରହିଥିଲେ। ଫଳରେ ତାଙ୍କ ଦଳ ୨୫୪/୪ କରିଥିଲା। ଏହାକୁ ପିଛା କରି ଶ୍ରୀଲଙ୍କା ୧୯ ଓଭରରେ ୧୩୫ ରନ୍‌ରେ ଅଲ୍‌ଆଉଟ୍ ହୋଇ ୧୧୯ ରନ୍‌ରେ ହାରିଥିଲା। ଅଧିନାୟକ ଭାବେ ସର୍ବାଧିକ ଟେଷ୍ଟ ଶତକ ରେକର୍ଡ ଅଷ୍ଟ୍ରେଲିଆର ରିକି ପଣ୍ଟିଂ (୨୦୦୬, ୭ ଶତକ)ଙ୍କ ନାମରେ ରହିଛି। ସେହିଭଳି ଦିନିକିଆ ରେକର୍ଡ ଭାରତର ବିରାଟ କୋହଲି (୬ ଶତକ, ୨୦୧୭ ଓ ୨୦୧୮)ଙ୍କ ନାମରେ ରହିଛି। ଟ୍ୱେଣ୍ଟି-୨୦ରେ କେବଳ ବ୍ରୁକ୍ ରହିଛନ୍ତି।

## ଆଣ୍ଟି-ଡୋପିଂ ନିୟମ ଉଲ୍ଲଂଘନ

# ପ୍ରଥମ ଥର ପାଇଁ ଆଜୀବନ ବ୍ୟାନ୍ ହେଲେ ଭାରତୀୟ କୋଚ୍

**ନୂଆଦିଲ୍ଲୀ**

ଏସିଆନ ଗେମ୍ସ ୨୦୨୬ ଆଉ ମାତ୍ର କିଛି ଦିନ ମଧ୍ୟରେ ଆରମ୍ଭ ହେବାକୁ ଯାଉଛି। ଏହି ଗେମ୍ସରେ ଭାରତୀୟ ଆଥ୍ଲେଟ୍‌ମାନେ ଅନେକ ଖେଳରେ ପଦକ ପାଇଁ ନିଜର ଦାବି ଉପସ୍ଥାପନ କରିବେ। ଏସିଆନ ଗେମ୍ସ ଆରମ୍ଭ ହେବା ପୂର୍ବରୁ ହିଁ କିଛି ଆଥଲେଟ୍ ଡୋପିଂ ମାମଲାରେ ଫସି ଏଥିରୁ ବାଦ୍ ପଡ଼ିଛନ୍ତି। ବର୍ତ୍ତମାନ ଏହି କ୍ରମରେ ଜଣେ ଭାରତୀୟ କୋଚ୍ ମଧ୍ୟ ଡୋପିଂରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ଏବଂ ତାଙ୍କ ଉପରେ ଆଜୀବନ ପ୍ରତିବନ୍ଧକ ଲଗାଯାଇଛି। ନ୍ୟାସନାଲ ଆଣ୍ଟି-ଡୋପିଙ୍ଗ୍ ଏଜେନ୍ସି ଆଥ୍ଲେଟିକ୍ସ କୋଚ୍ ରାକେଶ କୁମାରଙ୍କୁ ଆଣ୍ଟି-ଡୋପିଂ ଆଇନ ଉଲ୍ଲଙ୍ଗନ କରିବାର ଦୋଷୀ ପାଇ ଆଜୀବନ ବ୍ୟାନ କରିଛି। ଅବଶ୍ୟ ରାକେଶ ଏହି ଏସିଆନ ଗେମ୍ସର ଅଂଶ ନୁହନ୍ତି।

ନଡ଼ା ଡୋପିଂ ନିୟମ ଉଲ୍ଲଙ୍ଗନ ମାମଲାର ଏକ ତାଲିକା ଜାରି କରିଛି। ଏଥିରେ ସବୁଠାରୁ ଚକିତ କଲାଭଳି ନାମ ଆଥଲେଟିକ୍ସ କୋଚ୍ ରାକେଶ କୁମାରଙ୍କର ରହିଛି। ନଡ଼ା ଏହି କୋଚ୍‌ଙ୍କ ଉପରେ ଆଜୀବନ ପ୍ରତିବନ୍ଧକ ଲଗାଇବାକୁ ନିଷ୍ପତ୍ତି ନେଇଛି। ରାକେଶଙ୍କ ଉପରେ ଅଭିଯୋଗ ରହିଛି ଯେ ସେ ଖେଳାଳିମାନଙ୍କୁ ନିଷିଦ୍ଧ ସାମଗ୍ରୀ/ଔଷଧ ଦେଉଥିଲେ, ଯାହାକି ନଡ଼ା ଏବଂ ୱାଡାର ନିୟମାବଳୀର ଉଲ୍ଲଙ୍ଘନ ଅଟେ। ଏହିପରି ଭାବରେ ସେ ଭାରତୀୟ କ୍ରୀଡ଼ା ଇତିହାସରେ ଡୋପିଂ ମାମଲାରେ ବ୍ୟାନ ହୋଇଥିବା ପ୍ରଥମ କୋଚ୍ ବନିଯାଇଛନ୍ତି।




କୋଚ୍ ରାକେଶଙ୍କ ବିରୋଧରେ ଏହି ମାମଲା କୌଣସି ନୂଆ ନୁହେଁ, ବରଂ ତାଙ୍କୁ ୨୦୨୫ ମସିହାରେ ହିଁ ସସ୍‌ପେଣ୍ଡ କରାଯାଇଥିଲା। ମାର୍ଚ୍ଚ ୨୦୨୫ରେ ତାଙ୍କ ବିରୋଧରେ ମାମଲା ସାମ୍ନାକୁ ଆସିବା ପରେ ତାଙ୍କୁ ଅସ୍ଥାୟୀ ଭାବେ ନିଲମ୍ବିତ କରାଯାଇ ଥିଲା। ବର୍ତ୍ତମାନ ତାଙ୍କ ଉପରେ ଲାଗିଥିବା ଅଭିଯୋଗ ପ୍ରମାଣିତ ହୋଇଯାଇଛି ଏବଂ ସେଥିପାଇଁ ତାଙ୍କୁ ଆଜୀବନ ପ୍ରତିବନ୍ଧକର ସଜା ମିଳିଛି। ତାଙ୍କର ଏହି ବ୍ୟାନ ମାର୍ଚ୍ଚ ୨୦୨୫ରୁ ହିଁ ଲାଗୁ ହେବ ବୋଲି ଧରାଯାଇଛି, ଯେତେବେଳେ ତାଙ୍କୁ ପ୍ରଥମ ଥର ପାଇଁ ସସ୍‌ପେଣ୍ଡ କରାଯାଇଥିଲା।


କେବଳ କୋଚ୍ ରାକେଶ ନୁହନ୍ତି ବରଂ ପାୱାର-ଲିଫ୍ଟର ଗୌରବ ବତସଙ୍କୁ ମଧ୍ୟ ଅସ୍ଥାୟୀ ଭାବେ ନିଲମ୍ବିତ କରାଯାଇଛି। ବତସଙ୍କ ପାଖରୁ ନିଷିଦ୍ଧ ସାମଗ୍ରୀ ମିଳିଛି ଏବଂ ତାଙ୍କ ଉପରେ ଏଗୁଡ଼ିକର ଚୋରା ଚାଲାଣ କରିବାର ମଧ୍ୟ ଅଭିଯୋଗ ରହିଛି। ଚଳିତ ବର୍ଷ ଏପ୍ରିଲ ମାସରେ ଘଇଉଇ ଏକ ଗୁପ୍ତ ସୂଚନା ପାଇବା ପରେ ଦିଲ୍ଲୀ ପୋଲିସ ସହିତ ମିଳିତ ଅପରେସନ କରି ନଜଫଗଡ଼ ସ୍ଥିତ ଗୌରବ ବତସଙ୍କ କମ୍ପାନୀ ଉପରେ ଚଢ଼ାଉ କରିଥିଲା। ନ୍ୟୁଟ୍ରିସନ ସପ୍ଲିମେଣ୍ଟସ ତିଆରି କରୁଥିବା ବତସଙ୍କ କମ୍ପାନୀ ଉପରେ ହୋଇଥିବା ଏହି ଚଢ଼ଉରେ ନଡ଼ା ଏବଂ ପୋଲିସକୁ ବିପୁଳ ପରିମାଣର ନିଷିଦ୍ଧ ସାମଗ୍ରୀ ମିଳିଥିଲା।

ଏହା ବ୍ୟତୀତ ଖେଲୋ ଇଣ୍ଡିଆ ଗେମ୍ସରେ ଭାରୋତ୍ତୋଳନରେ ସ୍ୱର୍ଣ୍ଣ ପଦକ ଜିତିଥିବା ଚେଲସୀ ଡୋପ୍ ଟେଷ୍ଟରେ ଫେଲ୍ ହେବା ପରେ ତାଙ୍କୁ ୫ ବର୍ଷ ପାଇଁ ବ୍ୟାନ କରାଯାଇଛି। ସେହିପରି ଅନ୍ୟ ଜଣେ ନାବାଳକ ଭାରୋତ୍ତୋଳକଙ୍କୁ ମଧ୍ୟ ଅସ୍ଥାୟୀ ଭାବେ ନିଲମ୍ବିତ କରାଯାଇଛି। ଅନ୍ୟପଟେ ନାସନାଲ ଇଣ୍ଟର-ଷ୍ଟେଟ୍ କମ୍ପିଟିସନରେ ବ୍ରୋଞ୍ଜ ପଦକ ଜିତିଥିବା ସ୍ପ୍ରିଣ୍ଟର ପ୍ରକୃତି ରୂପାଙ୍କୁ ମଧ୍ୟ ଅସ୍ଥାୟୀ ଭାବେ ସସ୍‌ପେଣ୍ଡ କରାଯାଇଛି।

# ୟୁଏସ୍ ଓପନ୍ : ସାବାଲେଙ୍କାଙ୍କ ଗୋଟିଏ ଭୁଲ୍ ପାଇଁ ଲାଗିଲା ୭ ଲକ୍ଷ ଟଙ୍କାର ଜରିମାନା

**ନୂଆଦିଲ୍ଲୀ**

ଦିଗ୍ଗଜ ଟେନିସ୍ ଖେଳାଳି ଆର୍ଯ୍ୟନା ସବାଲେଙ୍କାଙ୍କୁ ଏକ ବଡ଼ ଝଟକା ଲାଗିଛି। ୟୁଏସ୍ ଓପନ୍ ଫାଇନାଲ୍‌ରେ ପରାଜୟ ପରେ ରାଗରେ ନିଜ ରାକେଟ୍ ଭାଙ୍ଗିବା କାରଣରୁ ଏହି ଖେଳାଳିଙ୍କ ଉପରେ ୭,୫୦୦ ଆମେରିକୀୟ ଡଲାର ଜରିମାନା ଲଗାଯାଇଛି। ୟୁଏସ୍ ଓପନ୍ ତରଫରୁ ଲଗାଯାଇଥିବା ଏହି ଜରିମାନାର ମୂଲ୍ୟ ଭାରତୀୟ ମୁଦ୍ରାରେ ପ୍ରାୟ ୭,୧୯,୫୩୦ ଟଙ୍କା ହେବ। ସଦ୍ୟ ସମାପ୍ତ ହୋଇଥିବା ୟୁଏସ୍ ଓପନ୍ ଫାଇନାଲ୍‌ରେ ସବାଲେଙ୍କା ଲଗାତାର ତୃତୀୟ ଥର ପାଇଁ ପହଞ୍ଚିଥିଲେ। ସବାଲେଙ୍କା ପାଖରେ ଏହି ମ୍ୟାଚ୍ ଜିତି ହ୍ୟାଟ୍ରିକ୍ ମାରିବାର ସୁଯୋଗ ଥିଲା, କିନ୍ତୁ ସେ ଫାଇନାଲ୍‌ରେ ହାରି ଏହି ସ୍ୱର୍ଣ୍ଣିମ ସୁଯୋଗକୁ ହରାଇ ବସିଥିଲେ।



ଫାଇନାଲ୍ ମ୍ୟାଚ୍‌ରେ ପରାଜୟ ଯୋଗୁଁ ସବାଲେଙ୍କାଙ୍କୁ ନମ୍ବର ୱାନ୍ ମହିଳା ଟେନିସ୍ ଖେଳାଳିର ମୁକୁଟ ମଧ୍ୟ ହରାଇବାକୁ ପଡ଼ିଥିଲା। ଏହା ପରେ ସେ ଅତ୍ୟଧିକ ରାଗିଯାଇଥିବା ନଜର ଆସିଥିଲେ ଏବଂ କୋର୍ଟ ଉପରେ ହିଁ ନିଜ ରାକେଟକୁ ବାରମ୍ବାର ପିଟି ଭାଙ୍ଗି ଦେଇଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ତାଙ୍କର ଭିଡିଓ ବନାଉଥିବା ନଜର ଆସିଥିଲେ। ସବାଲେଙ୍କା ସେହି ବ୍ୟକ୍ତିଙ୍କ ଉପରେ ମଧ୍ୟ ବର୍ଷି ଯାଇଥିଲେ। ପରେ ସେ ପ୍ରକାଶ କରିଥିଲେ ଯେ କୋର୍ଟରେ ହିଁ ରାଗ ବାହାରିଯିବା ତାଙ୍କ ପାଇଁ ଭଲ ଥିଲା। ଏପରି ହୋଇନଥିଲେ ତାଙ୍କ ରାଗ ଆହୁରି ଖରାପ ରୂପ ନେଇଥାନ୍ତା।

କଜାକିସ୍ତାନର ଏଲିନା ରାଇବାକିନା ପ୍ରଥମ ଥର ପାଇଁ ମହିଳା ଏକକ ବର୍ଗରେ ୟୁଏସ୍ ଓପନ୍ ଟାଇଟଲ୍ ଜିତିଛନ୍ତି। ଏହି ବର୍ଷର ଫାଇନାଲ୍‌ରେ ସେ ବେଲାରୁଷର ଆରିନା ସବାଲେଙ୍କାଙ୍କୁ ୨ ଘଣ୍ଟା ୨୧ ମିନିଟ୍ ଧରି ଚାଲିଥିବା ଏକ କଡ଼ା ମୁକାବିଲାରେ ୬-୪, ୫-୭, ୬-୨ ରେ ପରାସ୍ତ କରିଛନ୍ତି। ନିଜର ପ୍ରଥମ ୟୁଏସ୍ ଓପନ୍ ଫାଇନାଲ୍ ଖେଳୁଥିବା ରାଇବାକିନା ପୂର୍ବରୁ ସବାଲେଙ୍କାଙ୍କୁ ଅଷ୍ଟ୍ରେଲିଆନ୍ ଓପନ୍ ଫାଇନାଲ୍‌ରେ ମଧ୍ୟ ହରାଇ ସାରିଛନ୍ତି।

# ୟୁ-୧୫ରେ ଓଡ଼ିଶା ପାଇଁ ଖେଳିବେ ଗୁଡ଼ାରି ଝିଅ ଆୟୁଷା

**ଗୁଡ଼ାରି**

୧୫ ବର୍ଷରୁ କମ୍ କ୍ରିକେଟ୍‌ରେ ଓଡ଼ିଶା ପାଇଁ ଖେଳିବାର ସୁଯୋଗ ପାଇଛନ୍ତି ରାୟଗଡ଼ା ଜିଲ୍ଲା ଗୁଡ଼ାରି ଝିଅ ଆୟୁଷା ମିଶ୍ର। ଏ ନେଇ ଓସିଏ ପକ୍ଷରୁ ସୂଚନା ମିଳିଛି ଏବଂ ଆସନ୍ତା ୧୯ରେ ବଲାଙ୍ଗୀର ହେବାକୁ ଥିବା କ୍ୟାମ୍ପରେ ଆସନ୍ତା ୧୮ ତାରିଖ ସୁଦ୍ଧା କୋଚ୍‌ଙ୍କ ନିକଟରେ ଉପସ୍ଥିତ ରହିବା ପାଇଁ ପରାମର୍ଶ ଦିଆଯାଇଛି। ଗତ କିଛିଦିନ ହେବ ସେ କଟକ ବାରବାଟୀ ଷ୍ଟାଡିଅମରେ ଓସିଏ ପକ୍ଷରୁ ଟିମ୍ ସହ ପ୍ରାକ୍ଟିସ କରୁଥିଲେ। ପୂର୍ବରୁ ସେ ଗଞ୍ଜାମ ଜିଲ୍ଲା ପାଇଁ ବାରବାଟୀ କ୍ରିକେଟ ଷ୍ଟାଡିଅମରେ ଆନ୍ତଃଜିଲା ମହିଳା କ୍ରିକେଟ ଖେଳିବାର ସୁଯୋଗ ପାଇଥିଲେ। ବର୍ତ୍ତମାନ ସେ ବ୍ରହ୍ମପୁରସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲରେ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ଜଣେ ଦକ୍ଷ ବାମହାତୀ ବ୍ୟାଟ୍ସମ୍ୟାନ ଭାବେ ଜିଲ୍ଲାରେ ଜଣାଶୁଣା ଥିବା ବେଳେ ସେ ଜଣେ ଭଲ ଓଡ଼ିଶୀ ନୃତ୍ୟଶିଳ୍ପୀ ଭାବେ ଭୁବନେଶ୍ୱରରେ ପ୍ରଖ୍ୟାତ ନୃତ୍ୟଶିଳ୍ପୀଙ୍କ ଠାରୁ ପୁରସ୍କୃତ ହୋଇଛନ୍ତି। ପିତା ମିନତ ମିଶ୍ର ବ୍ରହ୍ମପୁରରେ ପୋଲିସ ବିଭାଗରେ କାର୍ଯ୍ୟରତ ଥିବା ବେଳେ ସେ ମଧ୍ୟ ଜଣେ ଭଲ କ୍ରିକେଟ୍ ଖେଳାଳି ଭାବେ ପୂର୍ବରୁ ଗୁଡ଼ାରି ପାଇଁ ଅନେକ ଥର ଗୌରବ ଆଣିଛନ୍ତି।



e-mail ID-eephctcll@gmail.com
sephdctc521@gmail.com

GOVERNMENT OF ODISHA
OFFICE OF THE SUPERINTENDING ENGINEER,
P. H. DIVISION, KATAKA

13001/1850/2627

e-procurement Notice for Bid Identification No. SEPH-DIVISION, KAT-27 of 2026-27

| | | |
|---|---|---|
| 1. | Name of the work | :- 1 No of P.H. work |
| 2. | Estimated cost | :- Rs. 14.95 Lakhs |
| 3. | Period of completion | :- 45 days |
| 4. | Date & time of availability of bid document in the portal | :- 18.09.2026 from 11.00 AM to 28.09.2026 upto 5.00 PM |
| 5. | Last date & time of seeking clarification | :- 23.09.2026 upto 5.00P.M |
| 6. | Last date/time of receipt of bids in the portal | :- 28.09.2026 upto 5.00 PM |
| 7. | Date & time of opening of bids | :- 29.09.2026 at 11.00 AM |
| 8. | Name and address of the officer inviting bid | :- The Superintending Engineer, P.H.Division, Kataka-753004, Odisha. Ph. (0671) 2441063, email:- eephctcil@gmail.com, sephdctc521@gmail.com |

Further details can be seen from e-procurement portal https://www.tendersodisha.gov.in

Sd/- Superintending Engineer
P.H. Division, Katak

OIPR-13001/13225/1/26-27/0010

# ଟିମ୍ ଇଣ୍ଡିଆରେ ମିଳିଲାନି ସ୍ଥାନ : ବର୍ତ୍ତମାନ ଇଂଲଣ୍ଡ ମାଟିରେ ଖେଳିବେ ମୁକେଶ କୁମାର

**ନୂଆଦିଲ୍ଲୀ**

ଭାରତୀୟ ଦ୍ରୁତ ବୋଲର ମୁକେଶ କୁମାର ବର୍ତ୍ତମାନ ଇଂଲଣ୍ଡରେ ନିଜର ଜଲୱା ଦେଖାଉଥିବାର ନଜର ଆସିବେ। ଇଂଲିଶ କାଉଣ୍ଟି କ୍ଲବ୍ ନଟିଂହାମଶାୟର ତାଙ୍କୁ ୨୦୨୬ କାଉଣ୍ଟି ଚାମ୍ପିଅନସିପ୍‌ର ଶେଷ ଦୁଇଟି ମ୍ୟାଚ୍ ପାଇଁ ସାଇନ୍ କରିଛି। କ୍ଲବ୍ ପକ୍ଷରୁ ସୋମବାର ଦିନ ଏହାର ଆଧିକାରିକ ଘୋଷଣା କରାଯାଇଛି। ମୁକେଶଙ୍କ କ୍ୟାରିୟର ପାଇଁ ଏହା ଏକ ବଡ଼ ସୁଯୋଗ ହେବ, କାରଣ ସେ ପ୍ରଥମ ଥର ପାଇଁ ଭାରତ ବାହାରେ କୌଣସି ଘରୋଇ ଦଳର ପ୍ରତିନିଧିତ୍ୱ କରିବେ।

ମୁକେଶ କୁମାର କାଉଣ୍ଟି ଚାମ୍ପିଅନସିପ୍ ସିଜନର ଶେଷ ଦୁଇଟି ମ୍ୟାଚ୍‌ରେ ନଟିଂହାମଶାୟର ଦଳର ଅଂଶ ହେବେ। କ୍ଲବ୍ ଆଶା ରଖିଛି ଯେ ଏହି ଭାରତୀୟ ଦ୍ରୁତଗତି ବୋଲରଙ୍କ ଆଗମନ ଦ୍ୱାରା ସିଜନର ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ଦଳର ବୋଲିଂ ବିଭାଗ ଅଧିକ ଶକ୍ତିଶାଳୀ ହେବ। ମୁକେଶ ଏପରି ଏକ ସମୟରେ ଇଂଲଣ୍ଡରେ ପହଞ୍ଚୁଛନ୍ତି, ଯେତେବେଳେ ସେ ପ୍ରତିଯୋଗିତା ମୂଳକ କ୍ରିକେଟରେ ସମ୍ପୂର୍ଣ୍ଣ ଲୟରେ ଅଛନ୍ତି। ନିକଟରେ ସେ ଇଷ୍ଟ ଜୋନ୍ ସହିତ ଦୁଲୀପ ଟ୍ରଫି ଫାଇନାଲ୍‌ରେ ଭାଗ ନେଇଥିଲେ। ଯେଉଁଠାରେ ତାଙ୍କ ଦଳକୁ ଟାଇଟଲ୍ ଜିତିଥିଲା।



ଭାରତୀୟ ଦ୍ରୁତଗତି ବୋଲର ମୁକେଶ କୁମାର ଭାରତ ପାଇଁ ଏପର୍ଯ୍ୟନ୍ତ ୨୬ଟି ଅନ୍ତର୍ଜାତୀୟ ମ୍ୟାଚ୍‌ରେ ୩୨ଟି ୱିକେଟ୍ ନେଇଛନ୍ତି। ଯେଉଁଥିରେ ତାଙ୍କର ତିନିଟି ଟେଷ୍ଟ ମ୍ୟାଚ୍ ମଧ୍ୟ ସାମିଲ ଅଛି। ଭାରତୀୟ ଦଳରେ ଦ୍ରୁତଗତି ବୋଲରମାନଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଥାଇ ମଧ୍ୟ ମୁକେଶ କ୍ରମାଗତ ଭାବରେ ଘରୋଇ କ୍ରିକେଟ୍‌ରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଜାରି ରଖିଛନ୍ତି।

ବର୍ତ୍ତମାନ ଇଂଲଣ୍ଡରେ କାଉଣ୍ଟି କ୍ରିକେଟ୍ ଖେଳିବା ମୁକେଶଙ୍କ ପାଇଁ ଭିନ୍ନ ପରିସ୍ଥିତିରେ ନିଜକୁ ପରଖିବାର ଏକ ବଡ଼ ସୁଯୋଗ ହେବ। ଇଂଲଣ୍ଡର ପରିବେଶ ଓ ପରିସ୍ଥିତିରେ ବୋଲିଂ କରିବାର ଅଭିଜ୍ଞତା ତାଙ୍କ କ୍ୟାରିୟର ପାଇଁ ମଧ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇପାରେ।

ମୁକେଶଙ୍କ ପ୍ରଥମ ଶ୍ରେଣୀ କ୍ରିକେଟ୍ ରେକର୍ଡ ତାଙ୍କର ସବୁଠାରୁ ବଡ଼ ଶକ୍ତି ଅଟେ। ସେ ୬୧ଟି ଫାଷ୍ଟ-କ୍ଲାସ୍ ମ୍ୟାଚ୍‌ରେ ୨୩୩ଟି ୱିକେଟ୍ ହାସଲ କରିଛନ୍ତି। ଏହି ସମୟ ମଧ୍ୟରେ ତାଙ୍କର ବୋଲିଂ ହାରାହାରି ୨୧.୭୯ ରହିଛି ଏବଂ ସେ ୧୦ ଥର ଗୋଟିଏ ଇନିଂସରେ ୫ଟି ୱିକେଟ୍ ନେବାର କୃତିତ୍ୱ ଅର୍ଜନ କରିଛନ୍ତି।

ନଟିଂହାମଶାୟରର ମୁଖ୍ୟ କୋଚ୍ ପିଟର ମୁର୍ସ ମୁକେଶ ଦଳରେ ସାମିଲ ହେବା ନେଇ ଖୁସି ପ୍ରକଟ କରିଛନ୍ତି। ଭାରତୀୟ ଦଳରେ ସ୍ଥାନ ପାଇବା ପାଇଁ ଥିବା କଡ଼ା ପ୍ରତିଦ୍ୱନ୍ଦ୍ୱିତା ବିଷୟରେ ଉଲ୍ଲେଖ କରି ସେ ମୁକେଶଙ୍କ ବୋଲିଂ ଦକ୍ଷତା ଉପରେ ସମ୍ପୂର୍ଣ୍ଣ ଭରସା ପ୍ରକଟ କରିଛନ୍ତି। ମୁର୍ସଙ୍କ କହିଛନ୍ତି, 'ମୁକେଶ ନିକଟରେ ଦୁଲୀପ ଟ୍ରଫି ଫାଇନାଲ୍ ଭଳି ଏକ ବଡ଼ ମ୍ୟାଚ୍ ଖେଳି ଆସୁଛନ୍ତି ଏବଂ ଏହି କାରଣରୁ ସେ ଦଳ ପାଇଁ ତୁରନ୍ତ ଯୋଗଦାନ ଦେବା ସ୍ଥିତିରେ ଅଛନ୍ତି।' ନଟିଂହାମଶାୟର କ୍ଲବ୍ ସହ ଯୋଡ଼ିହେବା ପରେ ମୁକେଶ କୁମାର କହିଛନ୍ତି ଯେ, ସେ ସିଜନର ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ କ୍ଲବ୍‌ର ଅଂଶ ହୋଇ ବହୁତ ଖୁସି ଅଛନ୍ତି। ସେ ଇଂଲଣ୍ଡ ପହଞ୍ଚିବା ଏବଂ କାଉଣ୍ଟି କ୍ରିକେଟରେ ନିଜକୁ ପରଖିବାକୁ ନେଇ ବେଶ୍ ଉତ୍ସାହିତ ଥିବା ପ୍ରକାଶ କରିଛନ୍ତି। ଏହି ଭାରତୀୟ ଦ୍ରୁତଗତି ବୋଲରଙ୍କ ପାଇଁ ଏହା କେବଳ ଦୁଇଟି ମ୍ୟାଚ୍ ଖେଳିବାର ସୁଯୋଗ ନୁହେଁ। ଇଂଲଣ୍ଡର ପରିବେଶ ଓ ପରିସ୍ଥିତିରେ ନିଜକୁ ପ୍ରମାଣିତ କରିବା ତାଙ୍କ ପାଇଁ ଅନ୍ତର୍ଜାତୀୟ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିବା ଦୌଡ଼ରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଅଭିଜ୍ଞତା ସାବ୍ୟସ୍ତ ହୋଇପାରେ।

# ୱେଷ୍ଟଇଣ୍ଡିଜ୍ ବିପକ୍ଷ ସିରିଜ୍ ପାଇଁ ଟିମ୍ ଇଣ୍ଡିଆ ଘୋଷଣା : ୨ ନୂଆ ଖେଳାଳିଙ୍କୁ ମିଳିଲା ସ୍ଥାନ

**ନୂଆଦିଲ୍ଲୀ**

ୱେଷ୍ଟଇଣ୍ଡିଜ୍ ବିପକ୍ଷ ଆଗାମୀ ଦିନିକିଆ ଓ ଟି-୨୦ ସିରିଜ୍ ପାଇଁ ଟିମ୍ ଇଣ୍ଡିଆର ଦଳ ଘୋଷଣା ହୋଇଛି । ଏହି ଚୟନକୁ ନେଇ କ୍ରିକେଟ୍‌ପ୍ରେମୀଙ୍କ ମଧ୍ୟରେ ବେଶ୍ ଉତ୍ସୁକତା ରହିଥିଲା। ଚୟନକର୍ତ୍ତାଙ୍କ ନେଇ ଚର୍ଚ୍ଚା ମଧ୍ୟରେ ଦଳ ଘୋଷଣା ପରେ କିଛି ନୂଆ ଚେହେରାଙ୍କୁ ସୁଯୋଗ ମିଳିଥିବା ବେଳେ କିଛି ଖେଳାଳି ଦଳରୁ ବାଦ୍ ପଡ଼ିଛନ୍ତି। ଦିନିକିଆ ସିରିଜ୍‌ରେ ଶୁଭମନ ଗିଲ୍ ଭାରତୀୟ ଦଳର ନେତୃତ୍ୱ ନେବେ। ରୋହିତ ଶର୍ମା ଦଳରେ ନିଜ ସ୍ଥାନ ବଜାୟ ରଖିଛନ୍ତି। ତେବେ ଋଷଭ ପନ୍ତଙ୍କୁ ଉଭୟ ସିରିଜ୍‌ରେ ସୁଯୋଗ ମିଳିନାହିଁ। ଦିନିକିଆ ଦଳରେ ନମନ ଧୀର ଓ ଆକିବ ନବୀଙ୍କୁ ପ୍ରଥମ ଥର ପାଇଁ ସାମିଲ କରାଯାଇଛି।

ଦିନିକିଆ ଦଳର ଉପ ଅଧିନାୟକ ଭାବେ କେଏଲ୍ ରାହୁଲଙ୍କୁ ଦାୟିତ୍ୱ ମିଳିଛି । ଶ୍ରେୟସ ଆୟର ଓ ଜସପ୍ରୀତ ବୁମ୍‌ରା ଦିନିକିଆ ସିରିଜ୍‌ରେ ଦଳର ଅଂଶ ନାହାନ୍ତି। ଏସିଆନ୍ ଗେମ୍ସ ୨୦୨୬ରେ ଭାରତୀୟ ଦଳର ପ୍ରତିନିଧିତ୍ୱ କରିବା କାରଣରୁ ଏହି ଦୁଇ ଖେଳାଳି ଦିନିକିଆ ସିରିଜ୍‌ରୁ ବାହାରେ ରହିଥିବା ସୂଚନା ମିଳିଛି। ଅନ୍ୟ ପକ୍ଷରେ ଟି-୨୦ ସିରିଜ୍‌ରେ ଶ୍ରେୟସ ଆୟରଙ୍କୁ ଅଧିନାୟକ ଦାୟିତ୍ୱ ଦିଆଯାଇଛି। ତିଲକ ବର୍ମା ଉପଅଧିନାୟକ ରହିଛନ୍ତି। ଟି-୨୦ ଦଳରେ ଅଭିଷେକ ଶର୍ମା, ବୈଭବ ସୂର୍ଯ୍ୟବଂଶୀ, ଈଶାନ କିଶନ, ସଞ୍ଜୁ ସାମସନ, ଶିବମ ଦୁବେ, ଅକ୍ଷର ପଟେଲ ଓ ୱାଶିଂଟନ ସୁନ୍ଦରଙ୍କ ଭଳି ଖେଳାଳି ସ୍ଥାନ ପାଇଛନ୍ତି।



ଶୁଭମନ ଗିଲ୍ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଋତୁରାଜ ଗାଏକ୍ୱାଡ, କେଏଲ୍ ରାହୁଲ (ଉପଅଧିନାୟକ), ଧ୍ରୁବ ଜୁରେଲ, ନୀତିଶ କୁମାର ରେଡ୍ଡୀ, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ପ୍ରସିଦ୍ଧ କୃଷ୍ଣ, ଗୁରନୂର ବରାଡ଼, ମହମ୍ମଦ ସିରାଜ, ଆକିବ ନବୀ, ଯଶସ୍ୱୀ ଜୟସ୍ୱାଲ, ନମନ ଧୀର।

ଶ୍ରେୟସ ଆୟର (ଅଧିନାୟକ), ଅଭିଷେକ ଶର୍ମା, ବୈଭବ ସୂର୍ଯ୍ୟବଂଶୀ, ଈଶାନ କିଶନ (ୱିକେଟକିପର), ସଞ୍ଜୁ ସାମସନ (ୱିକେଟକିପର), ତିଲକ ବର୍ମା (ଉପଅଧିନାୟକ), ଶିବମ ଦୁବେ, କୁଲଦୀପ ଯାଦବ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ରବି ବିଷ୍ଣୋଇ, ନୀତିଶ କୁମାର ରେଡ୍ଡୀ, ଅର୍ଶଦୀପ ସିଂହ, ପ୍ରିନ୍ସ ଯାଦବ, ମୟଙ୍କ ଯାଦବ ରହିଛନ୍ତି।

32 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୭ ସେପ୍ଟେମ୍ବର ୨୦୨୬ ଗୁରୁବାର





# ରାଷ୍ଟ୍ରପତି ଭବନ ଠାରେ ଲାଞ୍ଜିଆ ସୌରାଙ୍କ ନୂଆଖାଇ ଭେଟଘାଟ




**ରାୟଗଡା, ନ୍ୟୁଜ ବ୍ୟୁରୋ**
ନୂଆଖାଇ ଭେଟଘାଟ ଅବସରରେ ରାୟଗଡ଼ା ଜିଲା ଗୁଣୁପୁର ବ୍ଲକ୍ ପୁଟାସିଂ ଅଞ୍ଚଳରୁ ବିଶେଷ ଭାବେ ଅନୁନ୍ନତ ଜନଜାତି (ପିଭିଟିଜି) ଲାଞ୍ଜିଆ ସଉରାଙ୍କ ଏକ ୧୫ ଜଣିଆ ସାଂସ୍କୃତିକ ଦଳ ରାଷ୍ଟ୍ରପତି ଭବନରେ ହୋଇଥିବା କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ରାଷ୍ଟ୍ରପତି ଭବନରୁ ଆସିଥିବା ନିମନ୍ତ୍ରଣ ପରେ ରାୟଗଡା ଜିଲ୍ଲାର ଏହି ପିଭିଟିଜି ଦଳ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୁଟାସିଂ ଅଞ୍ଚଳର ବୀର ଦଳବେହେରା ଏବଂ ଜୁନେଶ ଶବରଙ୍କ ନେତୃତ୍ୱରେ ନୂଆଦିଲ୍ଲୀ ରାଷ୍ଟ୍ରପତି ଭବନରେ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ରେ ଭାଗ ନେଇଥିଲେ । ଏହି ଅବସରରେ ଲାଞ୍ଜିଆ ସଉରାଙ୍କ ବିଶେଷ ଇଡିତାଲ୍ ପେଣ୍ଟିଂ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଲାଞ୍ଜିଆ ସୌରା ଦଳ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଲାଞ୍ଜିଆ ସଉରାଙ୍କ ପାରମ୍ପାରିକ ବାଜା ନୃତ୍ୟ ଏବଂ ଜଣେ ବୃଦ୍ଧାଙ୍କ ଦ୍ୱାରା ହୁଇସିଲ୍ ମାରି ରାଷ୍ଟ୍ରପତିଙ୍କୁ ମନମୁଗ୍ଧ କରିଥିବା ସୂଚନାରୁ ଜଣାପଡିଛି। ଗୁଣପୁର ଭଳି ଆଦିବାସୀ ବହୁଳ ପଛୁଆ ଅଞ୍ଚଳରୁ ବିରଳ ଜନଜାତିଙ୍କ ରାଷ୍ଟ୍ରପତି ଭବନରେ ନୂଆଖାଇ ପାଳନ କରିବା ଅଞ୍ଚଳ ପାଇଁ ଏକ ଗୌରବ ଆଣିଛନ୍ତି ବୋଲି ବୁଦ୍ଧିଜୀବି ମହଲରେ ମତ ପ୍ରକାଶ ପାଇଛି। ଏଠାରେ ସୂଚନାଯୋଗ୍ୟଯେ ଲାଞ୍ଜିଆ ସୌରାଙ୍କ ଇଡିତାଲ ଜିଆଇ ଟ୍ୟାଗ ପାଇଛି। ରାୟଗଡା ଜିଲ୍ଲାରେ ରହିଥିବା ୨ଟି ପିଭିଟିଜିଙ୍କ ମଧ୍ୟରୁ ଲାଞ୍ଜିଆ ସୌରା ଅନ୍ୟତମ। ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ନୂଆଖାଇ ଭେଟଘାଟ୍ କାର୍ଯ୍ୟକ୍ରମରେ ୮ଜଣ ପୁରୁଷ ଓ ୭ ଜଣ ମହିଳା ଲାଞ୍ଜିଆ ସୌରା ଯୋଗଦାନ କରିଥିଲେ।

# ଭୁବନେଶ୍ୱର ରେଳ ଷ୍ଟେସନ ପୁନର୍ବିକାଶ କାର୍ଯ୍ୟର ସମୀକ୍ଷା କଲେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଆଜି ଭୁବନେଶ୍ୱର ରେଳ ଷ୍ଟେସନରେ ଚାଲିଥିବା ପୁନର୍ବିକାଶ କାର୍ଯ୍ୟର ନିରୀକ୍ଷଣ କରିବା ସହିତ ବିଭିନ୍ନ ଭିତ୍ତିଭୂମି ବିକାଶ ଓ ଯାତ୍ରୀ ସୁବିଧା ସମ୍ପର୍କିତ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମୀକ୍ଷା କରିଛନ୍ତି। ଏହି ନିରୀକ୍ଷଣ ସମୟରେ, ମହାପ୍ରବନ୍ଧକ ଷ୍ଟେସନର କନକୋର୍ସ ଏରିଆ, ପ୍ଲାଟଫର୍ମ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକ ପରିଦର୍ଶନ କରିବାସହ ଚାଲିଥିବା କାର୍ଯ୍ୟର ତଦାରଖ କରିଥିଲେ। କାର୍ଯ୍ୟନ୍ୱୟନକାରୀ ସଂସ୍ଥାଗୁଡ଼ିକର ପ୍ରତିନିଧି ଏବଂ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିବା ସହିତ ଗୁଣବତ୍ତା, ସୁରକ୍ଷା ଓ ସମୟସୀମା ମଧ୍ୟରେ କାର୍ଯ୍ୟ ଶେଷ କରିବା ଉପରେ ଗୁରୁତ୍ୱ ଦେଇ ପ୍ରଗତିର ସମୀକ୍ଷା କରିଥିଲେ। ପୁନର୍ବିକାଶ କାର୍ଯ୍ୟ ଚାଲିଥିବା ସମୟରେ ଯାତ୍ରୀମାନଙ୍କୁ ଯେପରି କୌଣସି ଅସୁବିଧା ନହୁଏ ଏବଂ ଷ୍ଟେସନରେ ଯାତ୍ରୀମାନଙ୍କ ଯାତାୟାତ ସୁଗମ ରହେ, ସେଥିପାଇଁ ପର୍ଯ୍ୟାପ୍ତ ପଦକ୍ଷେପ ଗ୍ରହଣ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ।
ଭୁବନେଶ୍ୱର ରେଳ ଷ୍ଟେସନର ପୁନର୍ବିକାଶର ମୁଖ୍ୟ ଲକ୍ଷ୍ୟ ହେଉଛି ଏହାକୁ ଏକ ଆଧୁନିକ, ଯାତ୍ରୀ ଅନୁକୂଳ ଏବଂ ଦକ୍ଷ ପରିବହନ କେନ୍ଦ୍ରରେ ରୂପାନ୍ତରିତ କରିବା, ଯେଉଁଥିରେ ଯାତ୍ରୀଙ୍କ ସୁଗମ ଚଳପ୍ରଚଳ, ଉନ୍ନତ ପ୍ଲାଟଫର୍ମ ସୁବିଧା ଏବଂ ବର୍ଦ୍ଧିତ ଆନୁଷଙ୍ଗିକ ସୁବିଧା ସୁଯୋଗ ଉପଲବ୍ଧ ହେବ।



# ସେବା ସଂକଳ୍ପ ଯାତ୍ରାର ଶୁଭାରମ୍ଭ କଲେ ଉପମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ସେବା ସଂକଳ୍ପ ଯାତ୍ରା କାର୍ଯ୍ୟକ୍ରମରେ ବାରଣାସୀରୁ ବାଡ଼ନଗର ଯାତ୍ରାକୁ ଶୁଭାରମ୍ଭ କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ଆଜି ବିଜେପି ଯୁବ ମୋର୍ଚ୍ଚାର ଏକ ଟିମ୍ ଭୁବନେଶ୍ୱର ଷ୍ଟେସନରୁ ବାରଣାସୀ ଅଭିମୁଖେ ଯାତ୍ରା କରିଛନ୍ତି । ପତାକା ଦେଖାଇ ଏହି ଯାତ୍ରାକୁ ଶୁଭାରମ୍ଭ କରିଛନ୍ତି ଉପମୁଖ୍ୟମନ୍ତ୍ରୀ । ରାଜ୍ୟର ୩୦ ଜିଲ୍ଲାରୁ ୩୦ ଜଣ ଯୁବକ ଭୁବନେଶ୍ୱରରୁ ବାହାରି ବାରଣସୀରେ ପହଞ୍ଚିବେ। ୨୫ ଦିନ ଧରି ପ୍ରବାସରେ ଯିବେ ଯୁବକ । ୧୮୦୦ କିଲୋମିଟର ଯାତ୍ରା କରିବେ। ପ୍ରଧାନମନ୍ତ୍ରୀ ମୋଦୀ ଆସିବା ପରେ କଣ ପରିବର୍ତ୍ତନ ହୋଇଛି ତାକୁ ଦେଖିବେ । ଜଳ, ଜନ, ସେବା ଏହି ୩ ମନ୍ତ୍ରକୁ ପାଥେୟ କରି ଦେଶର କୋଣ ଅନୁକୋଣରୁ ଯୁବକମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହେବେ । ଭୁବନେଶ୍ୱରରୁ ବିଶ୍ୱନାଥଙ୍କ ପୀଠ, ସେଠାରୁ ସୋମନାଥଙ୍କ ପୀଠ ଯାଏଁ ଅଭିଯାନ ଚାଲିବ। ମୋଦିଙ୍କ ସମୟର ବିକାଶ, ଆଧୁନିକୀକରଣ, ନୀତି ଏବଂ ଅନେକ କିଛି ବାବଦରେ ସେମାନେ ଶିକ୍ଷା ପାଇବେ ।

## ଓଡ଼ିଶାରେ ଆଡମ୍ବର ସହକାରେ ପାଳନ ହେବ ସେବା ସଂକଳ୍ପ ଅଭିଯାନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଓଡ଼ିଶାରେ ଆଡମ୍ବର ସହକାରେ ପାଳନ ହେବ ସେବା ସଂକଳ୍ପ ଅଭିଯାନ। ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ସୂଚନା ଦେଇଛନ୍ତି । ପିଏମ ମୋଦିଙ୍କ ଜନ୍ମଦିନ ଅବସରରେ ଆସନ୍ତାକାଲି ଭୁବନେଶ୍ୱର ମୁକ୍ତେଶ୍ୱର ମନ୍ଦିରରେ ଦୀପ ଦାନ କରାଯିବ । ସନ୍ଧ୍ୟା ସମୟରେ କାର୍ଯ୍ୟକ୍ରମର ସାମିଲ ହେବେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ଦେଶର ପ୍ରଧାନମନ୍ତ୍ରୀଙ୍କ ୨୫ ବର୍ଷ କାର୍ଯ୍ୟକୁ ସମ୍ମାନ ଦେବା ପାଇଁ ଘରେ ଘରେ ସନ୍ଧ୍ୟା ୬ରୁ ୭ ଭିତରେ ଦୀପ ପ୍ରଜ୍ୱଳନ କରାଯିବ ।

## ରେଭେନ୍ସା ବିଶ୍ୱବିଦ୍ୟାଳୟ ବିକାଶ ଟ୍ରଷ୍ଟ ଗଠିତ

**କଟକ, ନ୍ୟୁଜ ବ୍ୟୁରୋ**
ସଂକୀର୍ଣ୍ଣ ରାଜନୀତିଠାରୁ ଦୂରରେ ରହି ରେଭେନ୍ସା ବିଶ୍ୱବିଦ୍ୟାଳୟର ସର୍ବାଙ୍ଗୀଣ ବିକାଶ ଦିଗରେ କାର୍ଯ୍ୟ କରିବା ପାଇଁ ରେଭେନ୍ସା ବିଶ୍ୱବିଦ୍ୟାଳୟ ବିକାଶ ଟ୍ରଷ୍ଟ ନାମରେ ଏକ ନୂତନ ଅନୁଷ୍ଠାନ ଗଠନ କରାଯାଇଛି। ବୁଧବାର ପୂର୍ବାହ୍ଣରେ ସ୍ଥାନୀୟ ଶ୍ରୀଶ୍ରୀ ମା ଗଡ଼ଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ସହରର ବିଶିଷ୍ଟ ବ୍ୟକ୍ତିମାନଙ୍କର ଏକ ବୈଠକ ବସି ଏହି ନିଷ୍ପତି ନିଆଯାଇଛି ।ବରିଷ୍ଠ ଶିକ୍ଷାବିତ୍ ପ୍ରଫେସର ଦିନେଶ ପ୍ରସାଦ ପଟ୍ଟନାୟକ ଓ ଯୁବ ସମାଜସେବୀ ଦୀପକ କୁମାର ମହାନ୍ତ ଯଥାକ୍ରମେ ଟ୍ରଷ୍ଟର ସଭାପତି ଓ ସମ୍ପାଦକ ରୂପେ ମନୋନୀତ ହୋଇଛନ୍ତି । ଟ୍ରଷ୍ଟ ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିଚାଳନାରେ ବାହ୍ୟ ହସ୍ତକ୍ଷେପକୁ ବିରୋଧ କରିବା ସଙ୍ଗେସଙ୍ଗେ ବିଶ୍ୱବିଦ୍ୟାଳୟର ମର୍ଯ୍ୟାଦା ରକ୍ଷା କରିବା ଦିଗରେ କାର୍ଯ୍ୟ କରିବ ବୋଲି ସମ୍ପାଦକ ଦୀପକ କୁମାର ମହାନ୍ତ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

# ଗିଧମାଲ ଗ୍ରାମରେ ନୂଆଁଖାଇ ଭେଟଘାଟ : ଜମିଲା କଂସ ଦରବାର

**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**
ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ନୂଆଁଖାଇ ଅବସରରେ ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ କଟାବାହାଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗିଧମାଲ ଗ୍ରାମରେ ନୂଆଁଖାଇ ଭେଟଘାଟ ଓ କଂସ ଦରବାର କାର୍ଯ୍ୟକ୍ରମ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ଏହି ଅବସରରେ ଗ୍ରାମରେ ସୃଷ୍ଟି ହୋଇଥିଲା ଏକ ଭିନ୍ନ ପ୍ରକାରର ସାଂସ୍କୃତିକ ପରିବେଶ। ନୂଆଁଖାଇ ପର୍ବ ଅବସରରେ ଗ୍ରାମବାସୀ ପରସ୍ପରକୁ ନୂଆଁଖାଇ ଜୁହାର ଜଣାଇବା ସହ ଭାଇଚାରା, ଏକତା ଓ ସମ୍ପର୍କର ନିବିଡ଼ତାକୁ ଆହୁରି ମଜବୁତ କରିଥିଲେ। ନୂଆ ଧାନରୁ ପ୍ରସ୍ତୁତ ନବାନ୍ନ ମା'ଙ୍କୁ ଅର୍ପଣ କରିବା ପରେ ପରିବାର ଓ ବନ୍ଧୁବର୍ଗଙ୍କ ସହ ନୂଆଁ ଖାଇବାର ପରମ୍ପରା ଏଠାରେ ଆନନ୍ଦମୁଖର



ପରିବେଶ ସୃଷ୍ଟି କରିଥିଲା। କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ଥିଲା କଂସ ଦରବାର। ପୌରାଣିକ କଥାବସ୍ତୁକୁ ଆଧାର କରି ଆୟୋଜିତ ଏହି ସାଂସ୍କୃତିକ ପରିବେଷଣରେ କଂସଙ୍କ ଦରବାରର ଦୃଶ୍ୟ ଉପସ୍ଥାପନ କରାଯାଇଥିଲା। ମହାରାଜ କଂସ ଭୂମିକାରେ ରୋହିତ ସାହୁ, ମନ୍ତ୍ରୀ ଭୂମିକାରେ ଜଳନ୍ଧର ବାଘ ଏବଂ ଅନ୍ୟ ସମସ୍ତ କଳାକାରମାନଙ୍କ ଅଭିନୟ, ସଂଳାପ ଓ ପାରମ୍ପରିକ ପରିବେଷଣ ଦର୍ଶକଙ୍କ ମନ ଜିଣିଥିଲା। ଛୋଟରୁ ବଡ଼ ସମସ୍ତେ କଂସ ଦରବାର ଦେଖିବାକୁ ଏକାଠି ହୋଇଥିଲେ। ଏହି ଅବସରରେ ଗ୍ରାମର କୁନି କୁନି କଳାକାରଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ,ଗୀତ ପରିବେଷଣ ହୋଇଥିଲା। ଗ୍ରାମର ଯୁବପିଢ଼ିଙ୍କ ଉତ୍ସାହ ଓ ସକ୍ରିୟ ସହଯୋଗରେ କାର୍ଯ୍ୟକ୍ରମଟି ଅଧିକ ଆକର୍ଷଣୀୟ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବରେ ସାମ୍ବାଦିକ ସୁଶାନ୍ତ ପଣ୍ଡା ଯୋଗଦେଇଥିବା ବେଳେ ଗ୍ରାମର ବିରେନ୍ଦ୍ର ପଧାନ, ମୋତିଲାଲ ସାହୁ,ନରେନ୍ଦ୍ର ତରିଆ ଯୋଗ ଦେଇ ମହାରାଜଙ୍କ ନିର୍ଦ୍ଦେଶରେ ଗ୍ରାମର ଉନ୍ନତି ବିଷୟରେ ମଞ୍ଚରେ ଆଲୋଚନା କରିଥିବା ବେଳେ ନୂଆଁଖାଇ କେବଳ ନୂଆ ଅନ୍ନ ଖାଇବାର ପର୍ବ ନୁହେଁ, ଏହା ପଶ୍ଚିମ ଓଡ଼ିଶାର ସାମାଜିକ ଏକତା, ଭାଇଚାରା ଓ ସମୃଦ୍ଧ ସଂସ୍କୃତିର ପ୍ରତୀକ। ଗିଧମାଲ ଗ୍ରାମରେ ଆୟୋଜିତ ଏହି ନୂଆଁଖାଇ ଭେଟଘାଟ ଓ କଂସ ଦରବାର ଏହି ପରମ୍ପରାକୁ ଆହୁରି ଜୀବନ୍ତ କରିଥିବାର ଅତିଥି ମାନେ ପ୍ରକାଶ କରିବା ସହ ଆୟୋଜକମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୯୬୦ କୋଟିର...

ଟଙ୍କାର ୩୫ଟି ନୂତନ ପ୍ରକଳ୍ପର ଶିଳାନ୍ୟାସ ସାମିଲ ଅଛି। ଏଥିରେ ସ୍ୱାସ୍ଥ୍ୟ, ଗ୍ରାମ୍ୟ ଉନ୍ନୟନ (କୁଚିଣ୍ଡା ପାଇଁ ୬୦.୫୦ କୋଟି), କ୍ରୀଡ଼ା (୭୪.୭୨ କୋଟି), ସଡ଼କ ଓ କୋଠା ନିର୍ମାଣ (୫୮୫ କୋଟି) ଏବଂ ଜଳସମ୍ପଦ କ୍ଷେତ୍ରରେ ୨୨୦.୫୬ କୋଟି ଟଙ୍କାର ମେଗା ଲିଫ୍ଟ ଜଳସେଚନ ଓ ୮.୮୮ କୋଟି ଟଙ୍କାର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅନ୍ତର୍ଭୁକ୍ତ। ମୁଖ୍ୟମନ୍ତ୍ରୀ ଦର୍ଶାଇଥିଲେ ଯେ ଗତ ଜାନୁଆରୀ ୨୦୨୬ରେ ସେ ୯୪୮ କୋଟି ଟଙ୍କାର ପ୍ରକଳ୍ପ ସହ ୫୦ଟି ବୈଦ୍ୟୁତିକ ବସ୍‌ର ଶୁଭାରମ୍ଭ କରିଥିଲେ। ଅଇଁଠାପାଲି ବସ୍ ଟର୍ମିନାଲ୍ ଓ ଏହାର ୧୦ ବର୍ଷର ରକ୍ଷଣାବେକ୍ଷଣ ପାଇଁ ୨୩୮.୧୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସହରରେ ଜଳସଙ୍କଟ ଓ ଜଣ୍ଡିସ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଅମୃତ ୨.୦ ଅଧୀନରେ ୪୫୦ କୋଟି ଟଙ୍କାର 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍' ପ୍ରକଳ୍ପ ଜରିଆରେ ୪୧ଟି ୱାର୍ଡକୁ ୧୦୦ ନିୟୁତ ଲିଟର ବିଶୁଦ୍ଧ ଜଳ ଯୋଗାଇ ଦିଆଯିବ। ଏତଦ୍‌ବ୍ୟତୀତ, ବୁର୍ଲା ଓ ହୀରାକୁଦ ରିଙ୍ଗ୍ ରୋଡ୍, ରେମେଡ୍-ହୀରାକୁଦ ୪-ଲେନ୍ ରାସ୍ତା ଆଦିର ସମ୍ପ୍ରସାରଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ଏହି ଗୋଟିଏ ବର୍ଷରେ ସେପ୍ଟେମ୍ବର ସୁଦ୍ଧା ସମ୍ବଲପୁର ପାଇଁ ପ୍ରାୟ ୧,୯୧୦ କୋଟି ଟଙ୍କାର ବିକାଶମୂଳକ କାର୍ଯ୍ୟ କରାଯାଇଛି। ଶାସନ ବ୍ୟବସ୍ଥାକୁ ଲୋକାଭିମୁଖୀ କରିବା ପାଇଁ ଭୁବନେଶ୍ୱର ବାହାରେ ସମ୍ବଲପୁରରେ ପ୍ରଥମ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ମଧ୍ୟ କରାଯାଇଥିଲା।ପଶ୍ଚିମ ଓଡ଼ିଶାର ଶିଳ୍ପ ବିକାଶ ଓ ନିଯୁକ୍ତି ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଲପଙ୍ଗାଠାରେ ହିଣ୍ଡାଲ୍‌କୋର ସମ୍ପ୍ରସାରଣ ପାଇଁ ୪୦,୦୦୦ କୋଟି ଏବଂ ରେଙ୍ଗାଲିଠାରେ ଜେଏସଡବ୍ଲ୍ୟୁ-ଜେଏଫଇ ଷ୍ଟିଲ୍ ଦ୍ୱାରା ୩୨,୦୦୦ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏହା ସହିତ କୃଷି ଭବନ, ଛାତ୍ରୀ ନିବାସ, ସମ୍ବଲପୁର ଫୁଟବଲ୍ ଏକାଡେମୀର ଆଧୁନିକୀକରଣ ଏବଂ 'ହୀରାକୁଦ ଡ୍ୟାମ୍ ମାଷ୍ଟର ପ୍ଲାନ' ନିର୍ମାଣ କରାଯାଉଛି। ରାଜ୍ୟ ସରକାର ୨୦୩୬ ଶତାବ୍ଦୀ ପୂର୍ତ୍ତି ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିୟନ ଡଲାର ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାରର ଅର୍ଥବ୍ୟବସ୍ଥାରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ନାରୀ ସଶକ୍ତିକରଣକୁ ଗୁରୁତ୍ୱ ଦେଇ ସେ କହିଛନ୍ତି ଯେ 'ସୁଭଦ୍ରା', 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ' ଓ 'କନ୍ୟା ସୁମଙ୍ଗଳ' ଯୋଜନା ମାଧ୍ୟମରେ ମହିଳାମାନଙ୍କୁ ଆଗକୁ ନିଆଯାଉଛି ଏବଂ ରାଜ୍ୟ ବଜେଟର ୪୦ ପ୍ରତିଶତ ମହିଳାଙ୍କ ପାଇଁ ବ୍ୟୟ ହେଉଛି। କେନ୍ଦ୍ର ଓ ରାଜ୍ୟର 'ଡବଲ ଇଞ୍ଜିନ' ସରକାରର ସଫଳତା ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶାକୁ ୯୦ ହଜାର କୋଟିର ରେଳ, ୪୦ ହଜାର କୋଟିର ସଡ଼କ, ୨୫ ହଜାର କୋଟିର ବନ୍ଦର ଏବଂ ୨୫ ହଜାର କୋଟି ଟଙ୍କାର ଜାହାଜ ନିର୍ମାଣ ପ୍ରକଳ୍ପ ମିଳିଛି। ସମ୍ବଲପୁରରେ ୧,୫୨୧ କୋଟି ଟଙ୍କାର ୪-ଲେନ୍ ବାଇପାସ୍, ଭିମସାର ୧,୭୦୦ କୋଟିର ସମ୍ପ୍ରସାରଣ, ୧୦୦ କୋଟିର ଆକ୍ୱା ପାର୍କ , ଏବଂ ୧୦୦ କୋଟି ଟଙ୍କାର 'ସମଲେଇ ଫେଜ୍-୨' କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ 'ରଙ୍ଗବତୀ' ଗୀତର ତିନିଜଣ ସ୍ରଷ୍ଟା ଓ ଶିଳ୍ପୀଙ୍କୁ ପଦ୍ମଶ୍ରୀ ସମ୍ମାନରେ ବିଭୂଷିତ କରାଯିବା ପ୍ରସଙ୍ଗ ଉଲ୍ଲେଖ କରି ସେ ସଂସ୍କୃତି ପ୍ରତି କେନ୍ଦ୍ର ସରକାରଙ୍କ ସମ୍ମାନକୁ ପ୍ରଶଂସା କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ୭୬ତମ ଜନ୍ମଦିବସ ଓ ବିଶ୍ୱକର୍ମା ପୂଜା ଅବସରରେ ମାସବ୍ୟାପୀ ସେବା ସଂକଳ୍ପ ଅଭିଯାନ, 'ଆଶୀର୍ବାଦର ଦୀପ' ଏବଂ 'ଏକ ପେଡ ମା' କେ ନାମ' କାର୍ଯ୍ୟକ୍ରମରେ ସାମିଲ ହେବାକୁ ସେ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଦୀପ ଲଗାଇ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିବାକୁ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଗଣମାଧ୍ୟମକୁ ସ୍ୱତନ୍ତ୍ର ବିବୃତି ପ୍ରଦାନ କରୁ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସମ୍ବଲପୁରଠାରେ ସ୍ଥାପିତ ଡପ୍‌ଲର ପାଣିପାଗ ରାଡାର୍‌ର ସ୍ୱତନ୍ତ୍ର ଆଞ୍ଚଳିକ ଗୁରୁତ୍ୱ ରହିଥିବା ବେଳେ ଏହାଦ୍ୱାରା ଓଡ଼ିଶାର ଏକ ବ୍ୟାପକ ଅଞ୍ଚଳ ପାଣିପାଗ ପୂର୍ବାନୁମାନ ବ୍ୟବସ୍ଥା ସହିତ ସାମିଲ ହୋଇ ପାରିଛି। ସେ କହିଥିଲେ ଯେ ପାରାଦୀପ ଓ ଗୋପାଳପୁର ପରେ ଏହା ରାଜ୍ୟର ତୃତୀୟ ଡପଲର ରାଡାର। ୨୪ ଘଣ୍ଟା କାର୍ଯ୍ୟକ୍ଷମ ଏହି ରାଡାର ୨୫୦ କିଲୋମିଟର ପରିଧି ମଧ୍ୟରେ ସଠିକ୍ ତଥ୍ୟ ଏବଂ ୪୫୦ କିଲୋମିଟର ପର୍ଯ୍ୟନ୍ତ ପାଣିପାଗର ଗତିବିଧି ପୂର୍ବାନୁମାନ କରିପାରିବ। ଏହାଦ୍ୱାରା ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, ସୁବର୍ଣ୍ଣପୁର, ବଲାଙ୍ଗୀର, ବୌଦ୍ଧ, ନୂଆପଡ଼ା, ଅନୁଗୁଳ, କଳାହାଣ୍ଡି, କେନ୍ଦୁଝର ଓ ଢେଙ୍କାନାଳ ଆଦି ୧୩ଟି ଜିଲ୍ଲା ସହ ଛତିଶଗଡ଼ ଓ ଝାଡ଼ଖଣ୍ଡର କିଛି ଅଞ୍ଚଳ ଉପକୃତ ହେବେ। ପ୍ରାକ୍-ମୌସୁମୀ ବଜ୍ରଝଡ଼, ବଜ୍ରପାତ ଓ କୁଆପଥର ବର୍ଷାର ଆଗୁଆ ସୂଚନା ମିଳିବା ଫଳରେ ଓଡ଼ିଶାର 'ଭାତ ହାଣ୍ଡି' ବରଗଡ଼ ସମେତ ସମଗ୍ର ମହାନଦୀ ଅବବାହିକାର ଚାଷୀମାନେ ବିଶେଷ ଉପକୃତ ହେବେ। ଏହି ରାଡାର ପ୍ରତି ୧୦ ମିନିଟ୍‌ରେ ୧୫୦ ମିଟର ରିଜୋଲୁସନରେ ବୃଷ୍ଟିପାତର ଆକଳନ କରି ହୀରାକୁଦ ଜଳଭଣ୍ଡାରର ଜଳପ୍ରବାହ ପରିଚାଳନାକୁ ଅଧିକ ସୁଦୃଢ଼ କରିବ। ଏହା ସହିତ ବିଦ୍ୟୁତ, ଶିଳ୍ପ, ପରିବହନ ଓ ଗ୍ରୀଡ୍ ଅପରେସନ୍ କ୍ଷେତ୍ରରେ ମଧ୍ୟ ଏହା ସତର୍କତାମୂଳକ ପଦକ୍ଷେପ ନେବାରେ ସାହାଯ୍ୟ କରିବ। ସରକାର 'ଟେକ୍ନୋଲୋଜି ଡ୍ରିଭିନ୍ ପ୍ରୋ-ଆକ୍ଟିଭ୍ ଡିଜାଷ୍ଟର ମ୍ୟାନେଜମେଣ୍ଟ ସିଷ୍ଟମ' ଗଠନ କରୁଛନ୍ତି ଏବଂ ଆଗାମୀ ଦିନରେ ବାଲେଶ୍ୱର, ଭୁବନେଶ୍ୱର ଓ ପୁରୀରେ ମଧ୍ୟ ଡପ୍‌ଲର ରାଡାର ସ୍ଥାପନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏହି ସମାରୋହ ଅବସରରେ କେନ୍ଦ୍ର ଭୂ-ବିଜ୍ଞାନ ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଆଭାସୀ ମାଧ୍ୟମରେ ନିଜର ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି ଯେ, ସମ୍ବଲପୁରଠାରେ ଉଦ୍‌ଘାଟିତ ଡପ୍‌ଲର ରାଡାର ଆମ ପୂର୍ବାନୁମାନ ପ୍ରଣାଳୀ (ଫୋରକାଷ୍ଟ ସିଷ୍ଟମ୍ ) କ୍ଷେତ୍ରରେ ଏକ ବିରାଟ ସଫଳତା ଓ ମାଇଲଖୁଣ୍ଟ। ୨୦୧୪ ମସିହା ପରଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଏବଂ ମହାକାଶ ବିଜ୍ଞାନକୁ ସର୍ବୋଚ୍ଚ ପ୍ରାଥମିକତା ଓ ମାନ୍ୟତା ଦିଆଯାଇଛି। ଆଜି ଭାରତ କେବଳ ନିଜ ଦେଶ ନୁହେଁ, ପଡ଼ୋଶୀ ଦେଶଗୁଡ଼ିକୁ ମଧ୍ୟ ପାଣିପାଗ ପୂର୍ବାନୁମାନ ଓ ତଥ୍ୟ ଯୋଗାଇ ସହାୟତାର ହାତ ବଢ଼ାଉଛି। କେନ୍ଦ୍ରମନ୍ତ୍ରୀ ଆହୁରି ମଧ୍ୟ ପ୍ରକାଶ କରିଛନ୍ତି ଯେ ଆଗାମୀ ଦିନରେ ଦେଶରେ ଆହୁରି ୪୦ଟି ଡପ୍‌ଲର ରାଡାର ଯୋଡ଼ାଯିବ, ଯାହାଦ୍ୱାରା ସମଗ୍ର ଓଡ଼ିଶା ରାଜ୍ୟର କୋଣ-ଅନୁକୋଣ ପାଇଁ ସଠିକ୍ ପାଣିପାଗ ପୂର୍ବାନୁମାନ ମିଳିପାରିବ। ଜଳବାୟୁ ସହନଶୀଳ ରାଜ୍ୟ ଭାବେ ଓଡ଼ିଶାର ଏହି ନୂତନ ଅଭ୍ୟୁଦୟ ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ସେ ପ୍ରକାଶ କରିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ନିଜ ବକ୍ତବ୍ୟରେ କହିଥିଲେ ଯେ, ପଶ୍ଚିମ ଓଡ଼ିଶାରେ ଡପ୍‌ଲର ପାଣିପାଗ ରାଡାରର ସ୍ଥାପନା ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ଓ ଆବଶ୍ୟକତାକୁ ପୂରଣ କରିଛି। ସେ ଦର୍ଶାଇଥିଲେ ଯେ ଓଡ଼ିଶା ସରକାର ବିପର୍ଯ୍ୟୟ ପୂର୍ବପ୍ରସ୍ତୁତି ଓ ଆଗୁଆ ସୂଚନା ପ୍ରଣାଳୀକୁ ଅଧିକ ସୁଦୃଢ଼ କରିବା ପାଇଁ ଶୂନ୍ୟ ମୃତାହତ (ଜିରୋ କାଜୁଆଲଟି ) ନୀତି ଆପଣେଇଛନ୍ତି। ସମ୍ବଲପୁରଠାରେ କାର୍ଯ୍ୟକ୍ଷମ ହୋଇଥିବା ଏହି ରାଡାର ଦ୍ୱାରା କେବଳ ସମ୍ବଲପୁର ନୁହେଁ, ପଶ୍ଚିମ ଓଡ଼ିଶାର ୧୩ଟି ଜିଲ୍ଲାର କୃଷକ, ଆଞ୍ଚଳିକ ଜନସାଧାରଣ ଏବଂ ବିପର୍ଯ୍ୟୟ ପ୍ରଶମନ ବାହିନୀ ବିପଦର ବହୁ ଆଗରୁ ବଜ୍ରପାତ, ପ୍ରବଳ ବର୍ଷା ଓ ଝଡ଼ତୋଫାନର ସଠିକ୍ ତଥ୍ୟ ପାଇପାରିବେ। ଆଗାମୀ ଦିନରେ ବାଲେଶ୍ୱର, ଭୁବନେଶ୍ୱର ଓ ପୁରୀଠାରେ ମଧ୍ୟ ନୂତନ ଡପ୍‌ଲର ରାଡାର ସ୍ଥାପନ କରାଯାଇ ସମଗ୍ର ଓଡ଼ିଶାକୁ ଏକ ସୁରକ୍ଷିତ ଏବଂ ପ୍ରଯୁକ୍ତି-ଭିତ୍ତିକ ବିପର୍ଯ୍ୟୟ ମୁକାବିଲା ବ୍ୟବସ୍ଥା ଅଧୀନକୁ ଅଣାଯିବ ବୋଲି ଶ୍ରୀ ପୁଜାରୀ ସୂଚନା ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ମନମୋହନ ସାମଲ, ବିଧାୟକ ଜୟ ନାରାୟଣ ମିଶ୍ର, ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର, ଏସଆରସି ରାଜେଶ ପ୍ରଭାକର ପାଟିଲ, ଉତ୍ତରାଞ୍ଚଳ ଡିଆଇଜି ଚରଣ ସିଂ ମୀନା, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

## ଦରମା ସୀମା ...

ହୋଇପାରିବେ। କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଧାର୍ଯ୍ୟ ଇପିଏଫଓ ବେତନ ବୃଦ୍ଧି ଯୋଗୁ ପ୍ରାୟ ୫୧ ଲକ୍ଷ କର୍ମଚାରୀ ଉପକୃତ ହେବେ। ଦୀର୍ଘ ସମୟ ଧରି ବଢୁଥିବା ବେତନ, ଆୟ ବୃଦ୍ଧି ଏବଂ ସଂଗଠିତ ନିଯୁକ୍ତିର କ୍ରମାଗତ ବିସ୍ତାରକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି। କ୍ୟାବିନେଟ ଅନୁମୋଦନ ଯୋଗୁ କର୍ମଚାରୀମାନେ ଭବିଷ୍ୟନିଧି ସଞ୍ଚୟ, କର୍ମଚାରୀ ପେନ୍‌ସନ୍ ଯୋଜନା ଅଧୀନରେ ପେନ୍‌ସନ୍ ସୁରକ୍ଷା ଓ ବୀମା ଯୋଜନା ଅଧୀନରେ ସୁରକ୍ଷା ପାଇପାରିବେ। ଏହି ନିଷ୍ପତ୍ତି ସରକାରଙ୍କ ଉପରେ ରାଜସ୍ୱ ବୋଝ ୫ ବର୍ଷ ମଧ୍ୟରେ ୫୬,୬୯୬ କୋଟି ଟଙ୍କାକୁ ବୃଦ୍ଧି କରିବ। ବର୍ତ୍ତମାନ ସରକାର ପ୍ରତିବର୍ଷ ପ୍ରାୟ ୧୦,୨୫୦ କୋଟି ଟଙ୍କାର ବଜେଟ୍ ସହାୟତା ଦେଉଛନ୍ତି। ହେଲେ ଏବେ ଏହା ବାର୍ଷିକ ୧୧,୩୩୯ କୋଟିରେ ପହଞ୍ଚିବ।

## ଆଜି ଘରେ ଘରେ...

ଏସବିଆଇ ଏବଂ ନୀତି ଆୟୋଗର ଆକଳନ ଅନୁଯାୟୀ, ଏହି ଯୋଜନା ଫଳରେ ରାଜ୍ୟର ୨୬ ପ୍ରତିଶତରୁ ଊର୍ଦ୍ଧ୍ୱ ମହିଳା ନିଜସ୍ୱ ଉଦ୍ୟୋଗୀ ଭାବେ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ଏହି ପରିପ୍ରେକ୍ଷୀରେ ଉପମୁଖ୍ୟମନ୍ତ୍ରୀ କହିଥିଲେ 'ଗୁରୁବାର ମହିଳା ସଶକ୍ତୀକରଣ ଓ ଆତ୍ମସମ୍ମାନର ସଂକଳ୍ପ ଦିବସ ଭାବେ ପାଳନ କରାଯିବ। ଏହି ଅବସରରେ ରାଜ୍ୟର ସମସ୍ତ ଆଇଇସିଡିଏସ୍ ପ୍ରକଳ୍ପ, ଅଙ୍ଗନବାଡ଼ି କେନ୍ଦ୍ର ଓ ସିଡିପିଓ କାର୍ଯ୍ୟାଳୟଗୁଡ଼ିକରେ ରଙ୍ଗୋଲି ପ୍ରତିଯୋଗିତା ଏବଂ ସବିଶେଷ ସମାରୋହ ଆୟୋଜନ କରାଯିବ।' ଏଥିସହ 'ପୋଷଣ ଅଭିଯାନ' ମାଧ୍ୟମରେ ଓଡ଼ିଶାକୁ ୧୦୦% କୁପୋଷଣମୁକ୍ତ କରି ଏକ 'ସୁପୋଷିତ ଓ ବିକଶିତ ଓଡ଼ିଶା' ଗଠନ ପାଇଁ ବିଭାଗ ସଂକଳ୍ପବଦ୍ଧ ବୋଲି ମନ୍ତ୍ରୀ କହିଛନ୍ତି । ଉପମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସହ ମହିଳା ସଶକ୍ତୀକରଣ, ମର୍ଯ୍ୟାଦା ଓ ସ୍ୱାବଲମ୍ବନର ଭାବନାକୁ ଉତ୍ସବ ଆକାରରେ ପାଳନ କରିବାକୁ ଆହ୍ୱାନ ଜଣାଇଛନ୍ତି।

## ୟୁପିଆଇ ପେମେଣ୍ଟ...

ପେମେଣ୍ଟ୍ ପରିବେଶର ଦୀର୍ଘକାଳୀନ ସ୍ଥାୟିତ୍ୱ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।ଆରବିଆଇ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏକ ପୋଷ୍ଟ ଜରିଆରେ କହିଛି ଯେ, ଏହି ପରିବେଶରେ ଏମଡିଆରର ଉଚିତ ଓ ସଠିକ୍ ବଣ୍ଟନ ପ୍ରଯୁକ୍ତି, ଭିତ୍ତିଭୂମି ଏବଂ ପେମେଣ୍ଟ୍ ଗ୍ରହଣ ବ୍ୟବସ୍ଥାରେ ନିରନ୍ତର ନିବେଶକୁ ପ୍ରୋତ୍ସାହିତ କରିବ। କେନ୍ଦ୍ରୀୟ ବ୍ୟାଙ୍କ କହିଛି ଯେ, ଏହା ୟୁପିଆଇକୁ ଦେଶବ୍ୟାପୀ ଗ୍ରାହକ ଓ ବ୍ୟବସାୟୀଙ୍କ ପାଇଁ ଆହୁରି ବିକଶିତ ହେବା, ନୂତନତ୍ୱ ଆଣିବା ଏବଂ ସେବା ପ୍ରଦାନ କରିବାରେ ସହାୟତା କରିବ ।ଆରବିଆଇ କହିଛି ଯେ, ଏହା ୟୁପିଆଇର ବ୍ୟାପକ ଗ୍ରହଣୀୟତା, ଗ୍ରାହକଙ୍କ ସଂଖ୍ୟା ବୃଦ୍ଧି ଏବଂ ନେଣଦେଣର ପରିମାଣରେ ନିରନ୍ତର ବୃଦ୍ଧିରେ ସହାୟକ ହୋଇପାରେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସମସ୍ତ ୟୁପିଆଇ ନେଣଦେଣ (ବ୍ୟକ୍ତିରୁ ବ୍ୟକ୍ତି ଏବଂ ବ୍ୟକ୍ତିରୁ ବ୍ୟବସାୟୀ ବା ମର୍ଚ୍ଚାଣ୍ଟ) ବ୍ୟବହାରକାରୀଙ୍କ ପାଇଁ ମାଗଣା ରହିବ ଏବଂ ୨,୦୦୦ ଟଙ୍କାରୁ କମ୍ ବ୍ୟକ୍ତିରୁ ବ୍ୟବସାୟୀଙ୍କୁ କରାଯାଉଥିବା ନେଣଦେଣ ବ୍ୟବସାୟୀଙ୍କ ପାଇଁ ମଧ୍ୟ ମାଗଣା ରହିବ ।କେନ୍ଦ୍ରୀୟ ବ୍ୟାଙ୍କ ଆଶ୍ୱାସନା ଦେଇ କହିଛି, "ୟୁପିଆଇ ଯେପରି ସୁରକ୍ଷିତ, ନିରବଚ୍ଛିନ୍ନ, ଶସ୍ତା ଏବଂ ସହଜରେ ଉପଲବ୍ଧ ରହିବ, ତାହା ସୁନିଶ୍ଚିତ କରିବା ପାଇଁ ରିଜର୍ଭ ବ୍ୟାଙ୍କ ପ୍ରତିବଦ୍ଧ।

## ୧୮ରୁ କଟକ ଅନ୍ତର୍ଜାତିକ ବାଣିଜ୍ୟମେଳା

# ୧୦ ଦେଶ ଓ ୨୨ ରାଜ୍ୟର ବ୍ୟବସାୟୀ ଭାଗ ନେବେ

**କଟକ, ନ୍ୟୁଜ ବ୍ୟୁରୋ**
କଟକର ଐତିହାସିକ ବାଲିଯାତ୍ରା ତଳ ପଡ଼ିଆରେ ଶୁକ୍ରବାର ଠାରୁ ଆରମ୍ଭ ହେଉଛି କଟକ-ଆନ୍ତର୍ଜାତିକ ବାଣିଜ୍ୟମେଳା। ଏହା ସେପ୍ଟେମ୍ବର ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଆକର୍ଷଣୀୟ ଏସି ପ୍ୟାଭେଲିୟନରେ ଆୟୋଜିତ ଏହି ବାଣିଜ୍ୟମେଳାରେ ଦେଶ ବିଦେଶରୁ ବହୁ ଉଦ୍ୟୋଗୀ ଓ କାରିଗର ସେମାନଙ୍କର ସାମଗ୍ରୀ ବିକ୍ରିବଟା କରିବେ ଏବଂ ଏମଏସଏମଇ ବିଭାଗ ପକ୍ଷରୁ ସାରା ଭାରତର ବହୁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀମାନେ ମଧ୍ୟ ଯୋଗଦେବେ। ଓଡ଼ିଶା ସମେତ ୨୨ ଟି ରାଜ୍ୟର ଅନେକ ପ୍ରତିଷ୍ଠିତ ଉଦ୍ୟୋଗୀ ମଧ୍ୟ ଏଥିରେ ଅଂଶଗ୍ରହଣ କରିବେ। ୧୧ ଦିନର ଏହି ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ ୫ଲକ୍ଷରୁ ଅଧିକ ପରିଦର୍ଶକ ଯୋଗଦେବେ ବୋଲି ଆଶା କରାଯାଉଛି। ଏହା ପ୍ରତିଦିନ ଅପରାହ୍ଣ ୩ଟାରୁ ରାତ୍ରି ୧୦ ଟା ପର୍ଯ୍ୟନ୍ତ ଖୋଲା ରହିବ। ଓଡ଼ିଶାର ବିଭିନ୍ନ ପାରମ୍ପାରିକ ଖାଦ୍ୟ ମୁଢ଼ିମାଂସ, କର୍ଣ୍ଣାଟକର ଦୋସା, ବରା, ଇଡ୍ଲି, ବିରିୟାନୀ, କଟକର ପ୍ରସିଦ୍ଧ ଦହିବରା, ରାଜସ୍ଥାନୀ ଖାଦ୍ୟ ସହିତ ମୁଖ୍ୟ ଆକର୍ଷଣ ହେବ ଚମ୍ପାରନ୍ ମଟନ୍। ଆୟୋଜକ କଟକ ବୈଶାଖୀ ବାଣିଜ୍ୟ ମେଳା କମିଟି ଓ ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରା. ଲିମିଟେଡ୍ ପକ୍ଷରୁ ବୁଧବାର ଦିନ ବାରବାଟୀ ଗେଷ୍ଟହାଉସ୍ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରାଯାଇଛି।




ବାଣିଜ୍ୟମେଳାରେ କାଶ୍ମୀରିର ବିଭିନ୍ନ ସୌଖୀନ ଓ ଘରକରଣା ସାମଗ୍ରୀ, ଆଫଗାନିସ୍ତାନର ପ୍ରାୟ ୧୦୦ ପ୍ରକାରର ଶୁଖିଲାଫଳ, ବାଂଲାଦେଶର ଜାମଦାନୀ ଶାଢ଼ି, ଇରାନର ସୁସ୍ୱାଦୁ ଖଜୁର, ଅଳଙ୍କାର, ସୁନ୍ଦର କାର୍ପେଟ୍, ଦୁବାଇର ଅତର ଓ ପୋଷାକ, ଆୟର୍ଲାଣ୍ଡର ଅଳଙ୍କାର ଓ ପୋଷାକ, କୋରିଆର ମହିଳାମାନଙ୍କ ସାମଗ୍ରୀ, ମ୍ୟାଲେସିଆ ଓ ସିଙ୍ଗାପୁରର ଫାର୍ନିଚର ଏହି ଏସି ହ୍ୟାଙ୍ଗର ସ୍ଥଳରେ ସ୍ଥାନ ପାଇବ। ସେହିପରି ଓଡ଼ିଶାର ପାରମ୍ପାରିକ ହସ୍ତଶିଳ୍ପୀମାନଙ୍କ ବିଭିନ୍ନ ସାମଗ୍ରୀ, ଭାଗଲପୁର, ପଞ୍ଜାବ, ବନାରସ ଓ ଜୟପୁରର ବିଭିନ୍ନ ପାରମ୍ପାରିକ ପୋଷାକ ଓ ଶାଢ଼ି, ପଥର ଓ ମେଟାଲର ଅଳଙ୍କାର, ମାର୍ବଲ ମୂର୍ତ୍ତି, ଖଦିର ପୋଷାକ, ଚମଡ଼ା ପ୍ରସ୍ତୁତ ସାମଗ୍ରୀ ଓ ପୁରାତନ ସାମଗ୍ରୀ ସହିତ ଦିଲ୍ଲୀ, ଉ ଉତ୍ତରପ୍ରଦେଶ, ହରିଆଣା, ରାଜସ୍ଥାନ, ବିହାର, ପଶ୍ଚିମବଙ୍ଗ, ମଣିପୁର, ଆସାମ, ଜାମ୍ମୁକାଶ୍ମୀର ରାଜ୍ୟର ବ୍ୟବସାୟୀମାନେ ସେମାନଙ୍କ କୁଶଳୀ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀ ଏଠାରେ ବିକ୍ରୟ କରିବେ। ଏହି ଆନ୍ତର୍ଜାତିକ ବାଣିଜ୍ୟ ମେଳା ପରିସରରେ ଥିବା ମଞ୍ଚରେ ପ୍ରତି ସନ୍ଧ୍ୟାରେ ଆକର୍ଷଣୀୟ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯିବ। କଟକ ଜିଲ୍ଲା ପ୍ରଶାସନ, କମିଶନରେଟ ପୋଲିସ, ଅଗ୍ନିଶମ ବାହିନୀ, କଟକ ମହାନଗର ନିଗମ, ଟାଟା ପାୱାର ଓ ୱାଟକୋ ସହଯୋଗରେ ଏହା ଆୟୋଜନ କରାଯାଇଛି ବୋଲି କମିଟି ପକ୍ଷରୁ କୁହାଯାଇଛି।
ଆୟୋଜକ ସାମ୍ବାଦିକ ସମ୍ମିଳନୀରେ କଟକ ବୈଶାଖୀ ବାଣିଜ୍ୟମେଳାର ସଂଯୋଜକ ଦେବପ୍ରସାଦ ଦାଶ, ସଂଗ୍ରାମ ବେହେରା, ସାମ୍ବାଦିକ ଶୁଭେନ୍ଦୁ କୁମାର ରଥ, କୋଷାଧ୍ୟକ୍ଷ ଦିଲୀପ ସାହୁ, ରମେଶ ଚନ୍ଦ୍ର ସାହୁ, ଗୁପ୍ତା ଇଭେଣ୍ଟ ମ୍ୟାନେଜମେଂଟର ପରିଚାଳନା ନିର୍ଦ୍ଦେଶକ ସୁଜିତ୍ ଗୁପ୍ତା, ପାୟଲ ଆଚାର୍ଯ୍ୟ ଗୁପ୍ତା, ପ୍ରମୁଖ କାର୍ଯ୍ୟକ୍ରମ ସଂପର୍କରେ ସବିଶେଷ ସୂଚନା ଦେଇଥିଲେ।

# ପୂର୍ବତନ କର୍ପୋରେଟର ରମଜାନଙ୍କ ସହ ଅନେକ ନେତୃବୃନ୍ଦ କଂଗ୍ରେସରେ ସାମିଲ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
କଂଗ୍ରେସ ଭବନଠାରେ ବୁଧବାର ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଓ ଏଆଇସିସି ଓଡିଶା ପ୍ରଭାରୀ ଲାଲଜୀ ଦେଶାଇଙ୍କ ଉପସ୍ଥିତିରେ କଟକର ଅନେକ ନେତୃବୃନ୍ଦ ଏକ ମିଶ୍ରଣ ସମାରୋହରେ କଂଗ୍ରେସ ଦଳରେ ଯୋଗଦାନ କରିଥିଲେ । ଯୁବ କଂଗ୍ରେସ ନେତା ହରିଶଙ୍କର ରାଉତଙ୍କ ନେତୃତ୍ୱରେ କଟକ ମହାନଗର ନିଗମର ପୂର୍ବତନ କର୍ପୋରେଟର ରମଜାନ ଖାଁ ଓ ତାଙ୍କ ସହ ଶହ ଶହ ସମର୍ଥକ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ନିତୀ ଆଦର୍ଶରେ ଅନୁପ୍ରାଣିତ ହୋଇ ଏବଂ କ୍ରାନ୍ତିକାରୀ ନେତା ତଥା ଓପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି କଂଗ୍ରେସରେ ଯୋଗଦାନ କରିଛନ୍ତି । ଏହି ଅବସରରେ ପ୍ରଭାରୀ ଶ୍ରୀ ଦେଶାଇ ଉପସ୍ଥିତ କର୍ମୀ ତଥା ଗଣମାଧ୍ୟମକୁ କହିଛନ୍ତି ଯେ, କଂଗ୍ରେସ ଶକ୍ତିଶାଳୀ ହେଉଛି, ଆଜିର କାର୍ଯ୍ୟକ୍ରମ ତାହାର ଏକ ଉଦାହରଣ । ଡବଲ ଇଞ୍ଜିନ ସରକାରଙ୍କ ଶାସନରେ ଲୋକେ ଅତିଷ୍ଠ ହୋଇ ସାରିଲେଣି । ରାହୁଲ ଗାନ୍ଧୀଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ଯୋଗୁଁ ଆଜି ଦେଶର ପ୍ରତ୍ୟେକ ଲୋକ ତାଙ୍କ ନେତୃତ୍ୱ ଚାହୁଁଛନ୍ତି । ଯାହାଙ୍କ ନୀତି ଆଦର୍ଶ ଦେଶ ଓ ଜନତାଙ୍କ ସ୍ୱାର୍ଥ ପାଇଁ ସମର୍ପିତ ସେମାନେ କଂଗ୍ରେସରେ ଯୋଗ ଦେଉଛନ୍ତି ଏବଂ ଆଗକୁ ଅଧିକରୁ ଅଧିକ ନେତୃବୃନ୍ଦ କଂଗ୍ରେସ ଦଳରେ ସାମିଲ ହେବେ ବୋଲି ପ୍ରକାଶ କରିଥିଲେ ।

**ପୂର୍ବ ତଟ ରେଳପଥ**
ନିଲାମ କ୍ୟାଟାଲଗ୍ ନଂ : MSS-RGDA-PLH-FV, ତା.14.09.2026ରିଖ
ନିଲାମ ଲଟ୍ ନଂ.: MSS-RGDA-PLH-STGen-5-26-1
କାର୍ଯ୍ୟର ସମ୍ପତ୍ତିର ବିବରଣୀ: ପାରଳାଖେମୁଣ୍ଡି (PLH) ରେଳ ଷ୍ଟେସନର ସର୍କୁଲେଟିଂ କ୍ଷେତ୍ର (Circulating Area) ମଧ୍ୟରେ ନିର୍ଦ୍ଦିଷ୍ଟ ସ୍ଥାନରେ 150 ବର୍ଗ ମିଟର ବିଶିଷ୍ଟ ଫୁଡ୍ ଭ୍ୟାନ୍ (ଖାଦ୍ୟ ଗାଡ଼ି) ।
ଚୁକ୍ତିନାମାର ଅବଧି: 05 ବର୍ଷ
ମୂଲ୍ୟ ୟୁନିଟ୍: ବାର୍ଷିକ ଲାଇସେନ୍ସିଂ ଫି
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : ତା.29.09.2026ରିଖ 1100 ଘଟିକାରେ
ନିଲାମ ବନ୍ଦ ହେବା ତାରିଖ ଓ ସମୟ : ତା.29.09.2026ରିଖ 1130 ଘଟିକାରେ
ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ www.ireps.gov.inରେ ଉପଲବ୍ଧ।
ସହାୟକ ବାଣିଜ୍ୟ ପ୍ରବନ୍ଧକ, ରାୟଗଡ଼ା
PR-444/R/26-27

ଉତ୍କଳ ଦୀପିକା

ଭୁବନେଶ୍ୱର, ୧୭ ସେପ୍ଟେମ୍ବର, ଗୁରୁବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ମହାସ୍ନାନ

## ଘଣ୍ଟାଏ ବନ୍ଦ ରହିଲା ସାଧାରଣ ଦର୍ଶନ



**ପୁରୀ ୧୬।୦୯ ନ୍ୟୁଜ ବ୍ୟୁରୋ** ବଡ଼ ଠାକୁରଙ୍କ ମହାସ୍ନାନ । ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ମହାସ୍ନାନ । ପ୍ରାୟ ୧ ଘଣ୍ଟା ପାଇଁ ବନ୍ଦ ରହିଲା ସାଧାରଣ ଦର୍ଶନ । ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦିଆଯାଇଛି ସୂଚନା। ବୁଧବାର ସକାଳୁ ଶ୍ରୀମନ୍ଦିରର ଦ୍ୱାର ଫିଟା ନୀତି ପରେ ଚାଲିଥିଲା ନୀତି । ସମୟ ଗଡ଼ିବା ସହ ଠିକଠାକ୍ ଚାଲିଥିଲା ନୀତି । ଠାକୁରଙ୍କ ଅବକାଶ ପୂଜା ପରେ ଜଣେ ସେବାୟତ ପ୍ୟାଣ୍ଟ ସାର୍ଟ ପିନ୍ଧି ମହାପ୍ରଭୁଙ୍କୁ ଛୁଇଁ ଦେଇଥିଲେ । ଯାହାଫଳରେ ମହାପ୍ରଭୁ ମହାସ୍ନାନ କରାଯାଇଛି । ତେବେ ମହାପ୍ରଭୁଙ୍କ ମହାସ୍ନାନ ଲାଗି ସାଧାରଣ ଦର୍ଶନ ବନ୍ଦ ରହିଛି । ପ୍ରାୟ ୧ଘଣ୍ଟା ପର୍ଯ୍ୟନ୍ତ ଦର୍ଶନ ବନ୍ଦ ରହିବ । ତେବେ ଠାକୁରଙ୍କ ମହାସ୍ନାନ ପରେ ପୁନଃଦର୍ଶନ ଆରମ୍ଭ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ।









ଭୁବନେଶ୍ୱର : ରାଜଧାନୀର ବିଭିନ୍ନ ସ୍ଥାନରେ ମେଲାଣୀ ନେଲେ ବାବା ମହାଗଣେଶ । (ଫଟୋ : ସମ୍ବାଦ କଳିକା)

# ପାଣିରେ ବୁଡ଼ି ଦିନକରେ ୧୧ ମୃତ : ସୁରକ୍ଷା ପାଇଁ ମୁତୟନ ହେବେ ୩୪୨୦ହୋମଗାର୍ଡ଼

**ଭୁବନେଶ୍ୱର,୧୬/୯ ନ୍ୟୁଜ ବ୍ୟୁରୋ**

ଗୋଟିଏ ଦିନରେ ପାଣିରେ ବୁଡ଼ି ୧୧ ଜଣଙ୍କ ଜୀବନ ଯାଇଛି । ଭଦ୍ରକ ଚାନ୍ଦବାଲିରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଦିଗପହଣ୍ଡିରେ ମଧ୍ୟ ଜଣଙ୍କର ମୃତ୍ୟୁ ହୋଇଛି । ଜଗତସିଂହପୁରରେ ୪ ଜଣଙ୍କ ମୃତ୍ୟୁ ହୋଇଛି । ଭାସିଯାଇଥିବା ସମସ୍ତ ଯୁବକ ସ୍ଥାନୀୟ ଅରଡ଼ା ଗାଁର ବୋଲି ଜଣାପଡ଼ିଛି । ସେହିପରି ସୁନ୍ଦରଗଡ଼ ବୀରମିତ୍ରପୁରରେ ୩ଜଣଙ୍କ ମୃତ୍ୟୁ ହୋଇଛି। ଗଂଜାମ ଆସିକାରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ଗଣେଶ ପୂଜା ମୂର୍ତ୍ତି ବିସର୍ଜନ ସମୟରେ ଏହି ଅଘଟଣ ଘଟିଥିବା ଜଣାପଡ଼ିଛି । ଅନ୍ୟପଟେ ଓଡ଼ିଶା ସରକାର ରାଜ୍ୟର ୧୬୯ଟି ସ୍ଥାନକୁ ଅତି ବିପଜ୍ଜନକ ସ୍ଥାନ ବା 'ବ୍ଲାକ୍ ସ୍ପଟ୍' ଭାବେ ଚିହ୍ନଟ କରିଛନ୍ତି । ଏହି ସ୍ଥାନଗୁଡ଼ିକରେ ଲାଇଫଗାର୍ଡ଼ ଭାବେ ମୁତୟନ ପାଇଁ ୩,୪୨୦ଜଣ ହୋମଗାର୍ଡ଼ଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦେବାକୁ ଯୋଜନା କରାଯାଇଛି । ଚିହ୍ନଟ ହୋଇଥିବା ବିପଦପୂର୍ଣ୍ଣ ସ୍ଥାନଗୁଡ଼ିକ ମଧ୍ୟରେ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ସହ ବିଭିନ୍ନ ସାର୍ବଜନୀନ ଜଳାଶୟ ରହିଛି । ଏଥିରେ ସମୁଦ୍ରକୂଳ, ନଦୀ, ହ୍ରଦ, ପୋଖରୀ, ଜଳଭଣ୍ଡାର ଓ ଜଳପ୍ରପାତ ଆଦି ସାମିଲ ଅଛି । ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବା ବିଭାଗ ଏବଂ ପର୍ଯ୍ୟଟନ ବିଭାଗର ମିଳିତ ଆକଳନ ପରେ ଏହି ସ୍ଥାନଗୁଡ଼ିକରେ ପ୍ରଶିକ୍ଷିତ କର୍ମଚାରୀ ମୁତୟନ କରିବାକୁ ସୁପାରିସ କରାଯାଇଛି । ଅଗ୍ନିଶମ ଓ ଜରୁରୀକାଳୀନ ସେବା ବିଭାଗର ଆଇଜିପି ଉମାଶଙ୍କର ଦାଶଙ୍କ ସୂଚନା ଅନୁଯାୟୀ, ହୋମଗାର୍ଡ଼ମାନଙ୍କୁ ଜୀବନରକ୍ଷା ଓ ଜଳ ଉଦ୍ଧାର ସମ୍ପର୍କିତ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବ । ଚନ୍ଦ୍ରଭାଗାସ୍ଥିତ ଓଡ଼ିଶା ଷ୍ଟେଟ୍ ୱାଟରମ୍ୟାନସିପ୍ ଆଣ୍ଡ ଲାଇଫଗାର୍ଡ଼ ଇନଷ୍ଟିଚ୍ୟୁଟ୍ ରେ ଏହି ପ୍ରଶିକ୍ଷଣ ଦିଆଯିବ । ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୧,୦୧୦ ଜଣ ପ୍ରଶିକ୍ଷିତ ହୋମଗାର୍ଡ଼ଙ୍କୁ ମୁତୟନ କରାଯିବ । ଅଧିକ ଲୋକଙ୍କ ସମାଗମ ହେଉଥିବା ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ଏହି ପର୍ଯ୍ୟାୟରେ ପ୍ରାଥମିକତା ଦିଆଯିବ। ଜାତୀୟ ଅପରାଧ ରେକର୍ଡ଼ ବ୍ୟୁରୋ ତଥ୍ୟ ଅନୁଯାୟୀ, ୨୦୨୦ରୁ ୨୦୨୪ ମଧ୍ୟରେ ଓଡ଼ିଶାରେ ବୁଡ଼ିଯିବା ଘଟଣାରେ ୧୦,୩୮୩ଜଣଙ୍କ ମୃତ୍ୟୁ ଘଟିଛି । ସେଥିମଧ୍ୟରୁ ୯,୧୪୯ଟି ମୃତ୍ୟୁ ଦୁର୍ଘଟଣାଜନିତ ହୋଇଥିବାବେଳେ ୧,୨୩୪ଟି ମୃତ୍ୟୁ ଆତ୍ମହତ୍ୟା ଭାବେ ରେକର୍ଡ଼ ହୋଇଛି । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ବୁଡ଼ି ଯାଇ ମୃତ୍ୟୁର ସମ୍ଭାବନା ଥିବା ସ୍ଥାନଗୁଡ଼ିକର ବୈଜ୍ଞାନିକ ଭିତ୍ତିରେ ମ୍ୟାପିଂ କରିବା ସହ ସୁରକ୍ଷା ବ୍ୟବସ୍ଥାକୁ ମଜବୁତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିପାଇଁ ସତର୍କ ସୂଚନା ଫଳକ ଲଗାଇବା, ରେଲିଂ ଓ ବ୍ୟାରିକେଡ୍ ନିର୍ମାଣ କରିବା ଏବଂ ଖୋଲା କୂଅ ଗୁଡ଼ିକୁ ଆବଦ୍ଧ କରିବା ଭଳି ପଦକ୍ଷେପ ନିଆଯିବ। ଏହା ସହିତ ସାରା ରାଜ୍ୟରେ ଏକ ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ କରିବାକୁ ମଧ୍ୟ ସରକାର ଯୋଜନା କରୁଛନ୍ତି । ବିଶେଷ କରି ଶିଶୁ ଓ ଯୁବପିଢ଼ୀଙ୍କୁ ଜଳାଶୟରେ ସୁରକ୍ଷା ସମ୍ପର୍କରେ ସଚେତନ କରାଯିବ। ସ୍ଥାନୀୟ ସ୍ତରରେ ଜରୁରୀକାଳୀନ ସମୟରେ ତୁରନ୍ତ ସହାୟତା ଯୋଗାଇବା ପାଇଁ ଗ୍ରାମ ପଞ୍ଚାୟତ ସ୍ତରରେ ଲୋକମାନଙ୍କୁ ମଧ୍ୟ ମୌଳିକ ଲାଇଫଗାର୍ଡ଼ ପ୍ରଶିକ୍ଷଣ ଦେବାର ଯୋଜନା ରହିଛି।

# ୧୦୦ ମେଟ୍ରିକ୍ ଟନ୍ ପଣ୍ୟ ଅନ୍‌ଲୋଡିଂରେ ଦେଶର ପ୍ରଥମ ପୂର୍ବତଟ ରେଳପଥ

**ଭୁବନେଶ୍ୱର, ୧୬/୦୯ ନ୍ୟୁଜ ବ୍ୟୁରୋ**

ପୂର୍ବତଟ ରେଳପଥ ଚଳିତ ଆର୍ଥିକ ବର୍ଷ ୨୦୨୬-୨୭ରେ ମାଲ୍‌ବାହୀ ଟ୍ରେନ୍‌ରୁ ପଣ୍ୟ ଖଲାସ ବା ଅନ୍‌ଲୋଡିଂ କ୍ଷେତ୍ରରେ ୧୦୦ ମେଟ୍ରିକ୍ ଟନର ସୀମା ଅତିକ୍ରମ କରି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଗତ ଆର୍ଥିକ ବର୍ଷର ସମାନ ଅବଧି ତୁଳନାରେ ୧୭ ଦିନ ପୂର୍ବରୁ ଏହି ଲକ୍ଷ୍ୟ ହାସଲ କରି ପୂର୍ବ ତଟ ରେଳପଥ ଦେଶର ପ୍ରଥମ ରେଳ ଜୋନ୍‌ରେ ପରିଣତ ହୋଇଛି।

ଏହି ସଫଳତା ପୂର୍ବତଟ ରେଳପଥର ପଣ୍ୟ ହ୍ୟାଣ୍ଡଲିଂ, ୱାଗନ୍ ଟର୍ଣ୍ଣଅରାଉଣ୍ଡ ଏବଂ ରେଳ ସମ୍ପତ୍ତିର ସର୍ବୋତ୍ତମ ବ୍ୟବହାର କ୍ଷେତ୍ରରେ ପୂର୍ବତଟ ରେଳପଥର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରୁଛି। ଏହା ଫଳରେ ରେଳପଥ ମାଧ୍ୟମରେ ପଣ୍ୟର ଅଧିକ ଦ୍ରୁତ ଓ ଦକ୍ଷ ପରିବହନ ସମ୍ଭବ ହେଉଛି।

ଏହି ସମୟ ମଧ୍ୟରେ, ୨୦୨୫-୨୬ ଆର୍ଥିକ ବର୍ଷର ସମାନ ସମୟ ତୁଳନାରେ ପୂର୍ବତଟ ରେଳପଥ ପଣ୍ୟ ରିଲିଜ୍ ଟନେଜ୍‌ରେ ୯.୮% ଅଭିବୃଦ୍ଧି ରେକର୍ଡ କରିଛି। ବିଶେଷକରି ବିଓଏକ୍ସଏନ୍ ଏବଂ ବିଓବିଆରଏନ୍ ୱାଗନ୍‌ଗୁଡ଼ିକର ଉନ୍ନତ ହ୍ୟାଣ୍ଡଲିଂ ଓ ଶୀଘ୍ର ରିଲିଜ୍ ଦ୍ୱାରା ଏହି ବୃଦ୍ଧି ସମ୍ଭବ ହୋଇପାରିଛି।

ପୂର୍ବ ଆର୍ଥିକ ବର୍ଷର ସମାନ ଅବଧି ତୁଳନାରେ ବିଓଏକ୍ସଏନ୍ ୱାଗନ୍‌ଗୁଡ଼ିକର ରିଲିଜ୍ ୭.୩% ବୃଦ୍ଧି



ପାଇଥିବା ବେଳେ ବିଓବିଆରଏନ୍ ୱାଗନ୍ ରିଲିଜ୍‌ରେ ୯.୮% ବୃଦ୍ଧି ପଞ୍ଜୀକୃତ ହୋଇଛି। ୱାଗନ୍ ରିଲିଜ୍‌ରେ ଏହି ସୁଧାର, ଉନ୍ନତ ଟର୍ନଅରାଉଣ୍ଡ ଏବଂ ମାଲ୍ ପରିବହନ ପରିଚାଳନାରେ ବର୍ଦ୍ଧିତ ଦକ୍ଷତାକୁ ଦର୍ଶାଉଛି। ପୂର୍ବତଟ ରେଳପଥ ପଣ୍ୟ ଲୋଡିଂ କ୍ଷେତ୍ରରେ ୩.୯% ବୃଦ୍ଧି ପଞ୍ଜୀକୃତ କରିଥିବା ବେଳେ ଏହି ସମାନ ଅବଧି ମଧ୍ୟରେ ପଣ୍ୟ ପରିବହନରୁ ରାଜସ୍ୱ ଆଦାୟରେ ୩.୨% ଅଭିବୃଦ୍ଧି ରେକର୍ଡ କରିଛି। ଏହି ପ୍ରଗତି ପଣ୍ୟ ପରିବହନ କ୍ଷମତା ବୃଦ୍ଧି ଏବଂ ଉପଲବ୍ଧ ରେଳ ସମ୍ପତ୍ତିର ସର୍ବୋତ୍ତମ ବ୍ୟବହାର ଉପରେ ଜୋନ୍‌ର ନିରନ୍ତର ଧ୍ୟାନକୁ ପ୍ରତିଫଳିତ କରୁଛି । ପୂର୍ବତଟ ରେଳପଥ ମାଧ୍ୟମରେ ପଣ୍ୟ ପରିବହନ ବିଭିନ୍ନ ପ୍ରମୁଖ ଶିଳ୍ପ ଓ ବ୍ୟବସାୟିକ କ୍ଷେତ୍ରର ଲଜିଷ୍ଟିକ୍ସ ଆବଶ୍ୟକତା ପୂରଣ କରୁଛି। ଅତ୍ୟାବଶ୍ୟକ ସାମଗ୍ରୀ ଓ କଞ୍ଚାମାଲର ପରିବହନକୁ ସୁଗମ କରିବା ସହିତ, ଉନ୍ନତ ପଣ୍ୟ ଅନ୍‌ଲୋଡିଂ ଏବଂ ୱାଗନ୍ ରିଲିଜ୍ ପ୍ରଦର୍ଶନ ଅଧିକ ଦ୍ରୁତ, ସୁଗମ ଓ ବ୍ୟୟସାପେକ୍ଷ ପଣ୍ୟ ପରିବହନକୁ ଆହୁରି ସୁଦୃଢ଼ କରିବ ଏବଂ ଲଜିଷ୍ଟିକ୍ସ ବ୍ୟବସ୍ଥାରେ ରେଳପଥର ଭୂମିକାକୁ ଅଧିକ ମଜବୁତ କରିବ।

### ନନ୍ଦନକାନନରେ ଓରାଙ୍ଗଉଟାନ : ୫ ଘଣ୍ଟା ଧରି ଯାଞ୍ଚ କଲା ବୈଷୟିକ କମିଟି

# ସ୍ୱାସ୍ଥ୍ୟ ଓ ଲାଳନପାଳନ ଉପରେ ପ୍ରାଥମିକତା

**ଭୁବନେଶ୍ୱର, ୧୬/୦୯ ନ୍ୟୁଜ ବ୍ୟୁରୋ**

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଓରାଙ୍ଗଉଟାନ ଛୁଆଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ବିଶେଷଜ୍ଞ ବୈଷୟିକ କମିଟିର ପରିଦର୍ଶନ। କମିଟି ସଦସ୍ୟମାନେ ବୁଧବାର ସକାଳୁ ପୁଣି ଆସି ପ୍ରାୟ ୫ ଘଣ୍ଟା ଧରି କ୍ୱାରେଣ୍ଟାଇନ୍‌ରେ ତନ୍ନ ତନ୍ନ କରି ଯାଞ୍ଚ କରିଥିଲେ ବିଶେଷଜ୍ଞ ଦଳ । ପିସିସିଏଫ୍ ବନ୍ୟପ୍ରାଣୀଙ୍କ ଦ୍ୱାରା ଗଠିତ ବୈଷୟିକ କମିଟିର ସଦସ୍ୟମାନେ



ବୁଧବାର ସକାଳ ୭ଟା ବେଳେ ନନ୍ଦନକାନନରେ ପହଞ୍ଚିଥିଲେ। ମହୀଶୂର ଚିଡ଼ିଆଖାନାର ଟେକ୍ନିକାଲ୍ କମିଟି ସଦସ୍ୟ ଡାକ୍ତର ଶଶିଧର, ଡାକ୍ତର ମଦନ କୋମପାଲ ଏବଂ ଓୟୁଏଟି-ଓଡବ୍ଲୁଏଚ୍‌ର ଡକ୍ଟର ଆଦିତ୍ୟ ପ୍ରସନ୍ନ ଆଚାର୍ଯ୍ୟଙ୍କ ସମେତ ନନ୍ଦନକାନନ ନିର୍ଦ୍ଦେଶକ, ଉପ-ନିର୍ଦ୍ଦେଶକ ଓ ଏସ୍‌ଡିଓ ପ୍ରାୟ ୫ ଘଣ୍ଟା ଧରି ଓରାଙ୍ଗଉଟାନ୍ ରହୁଥିବା କ୍ୱାରେଣ୍ଟାଇନ୍‌ରେ ପହଞ୍ଚି ଯାଞ୍ଚ କରିଥିଲେ। ସମସ୍ତ ଜୈବ-ସୁରକ୍ଷା ନିୟମ ମାନି ସେମାନେ ୫ଟି ଓରାଙ୍ଗଉଟାନଙ୍କ ସ୍ୱାସ୍ଥ୍ୟ, ଖାଦ୍ୟ, ଆଚରଣ ଏବଂ ରହଣି ବ୍ୟବସ୍ଥା ଯାଞ୍ଚ କରିଛନ୍ତି । ଏନେଇ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ନିର୍ଦ୍ଦେଶକ ସନତ କୁମାର ନାରାୟଣ କହିଛନ୍ତି, ଓରାଙ୍ଗଉଟାନ ଗୁଡ଼ିକୁ ପାଖାପାଖି ୩୦ ଦିନ ପର୍ଯ୍ୟନ୍ତ କ୍ୱାରେଣ୍ଟାଇନ୍‌ରେ ରଖାଯିବ । କମିଟି ନିଷ୍ପତ୍ତି ନେବା ପରେ ହିଁ ସେମାନଙ୍କୁ ଖୋଲା ଖୁଆଡ଼କୁ ଛଡ଼ାଯିବ । ଏବେ କେବଳ ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱ ଦିଆଯାଉଛି । ଓରାଙ୍ଗଉଟାନ ଗୁଡ଼ିକର ଡିଏନ୍‌ଏ ଟେଷ୍ଟ ପାଇଁ ଏବେ କୌଣସି ନିଷ୍ପତ୍ତି ନିଆଯାଇନାହିଁ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଓଡ଼ିଶା କୃଷି ଏବଂ ବୈଷୟିକ ବିଶ୍ୱବିଦ୍ୟାଳୟର ବନ୍ୟ ଜନ୍ତୁ ଚିକିତ୍ସା କେନ୍ଦ୍ର ମୁଖ୍ୟ ଡା. ଆଦିତ୍ୟ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ସ୍ୱାସ୍ଥ୍ୟ ରିପୋର୍ଟ ଆସିବା ପରେ ଓରାଙ୍ଗଉଟାନଗୁଡ଼ିକର ସ୍ପଷ୍ଟ ସୂଚନା ମିଳିପାରିବ । ସ୍ୱାସ୍ଥ୍ୟବସ୍ଥା ଠିକ ଅଛି। ଉତାପ ସବୁ ଦିନ ମପାଯାଉଛି । ସେମାନେ କେମିତି ସୁସ୍ଥ ରହିବେ ସେହିଦିଗରେ ଧ୍ୟାନ ଦିଆଯାଉଛି । ସେମାନଙ୍କ ସ୍ୱାସ୍ଥ୍ୟର ଯତ୍ନ, ନାଳନପାଳନ ହିଁ ଏବେ ପ୍ରାଥମିକତା। ଡିଏନ୍‌ଏ ଟେଷ୍ଟ ପାଇଁ ପରବର୍ତ୍ତୀ ସମୟରେ ନିଷ୍ପତ୍ତି ନିଆଯିବ । ବାହାର ଉତାପ କମିଯିବା ଏବଂ ଟିକିଏ ଥଣ୍ଡା ପଡ଼ିବ । ସେତେବେଳେ ଓରାଙ୍ଗଉଟାନଗୁଡ଼ିକ ବାହାରେ ଆସି କିଛି ସମୟ ରହିପରିବେ ବୋଲି ଡାକ୍ତର ଆଚାର୍ଯ୍ୟ କହିଛନ୍ତି । ଓରାଙ୍ଗଉଟାନଙ୍କୁ ନେଇ ମହୀଶୂର ଚିଡ଼ିଆଖାନାର ପଶୁ ଚିକିତ୍ସକ ତଥା ଟେକ୍ନିକାଲ୍ କମିଟି ସଦସ୍ୟ ଡାକ୍ତର ମଦନ କୋମପାଲ କହିଛନ୍ତି, ନନ୍ଦନକାନନରେ ପହଞ୍ଚିବା ପରେ ଓରାଙ୍ଗଉଟାନମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି । ସେମାନେ ସଚେତନ ଓ ସକ୍ରିୟ ରହିବା ସହ ଦିଆଯାଉଥିବା ଖାଦ୍ୟ ଠିକ୍ ଭାବେ ଗ୍ରହଣ କରୁଛନ୍ତି। ଓରାଙ୍ଗଉଟାନ ମାନଙ୍କର ଏକ୍ସ-ରେ କରାଯାଇଥିବା ବେଳେ ରକ୍ତ ନମୁନା ମଧ୍ୟ ସଂଗ୍ରହ କରାଯାଇଛି । ରକ୍ତ ପରୀକ୍ଷା ରିପୋର୍ଟ ଆସିବା ପରେ ସମସ୍ତ ତଥ୍ୟକୁ ବର୍ତ୍ତମାନର ଶାରୀରିକ ପରୀକ୍ଷା ସହ ମିଶାଇ ଚୂଡ଼ାନ୍ତ ସ୍ୱାସ୍ଥ୍ୟ ରିପୋର୍ଟ ପ୍ରସ୍ତୁତ କରାଯିବ। ରିପୋର୍ଟ ଆସିବା ପରେ ଓରାଙ୍ଗଉଟାନ ମାନଙ୍କୁ କୌଣସି ଔଷଧ କିମ୍ବା ଅନ୍ୟ ଚିକିତ୍ସାର ଆବଶ୍ୟକତା ରହିଛି କି ନାହିଁ, ସେନେଇ ନିଷ୍ପତ୍ତି ନିଆଯିବ । କରାଯାଇଥିବା ପରୀକ୍ଷାର ରିପୋର୍ଟ ମିଳିବା ପରେ ସମସ୍ତ ରିପୋର୍ଟକୁ ବିଶ୍ଳେଷଣ କରାଯିବ । ଓରାଙ୍ଗଉଟାନ ମାନଙ୍କ ରହିବା ସ୍ଥାନର ତାପମାତ୍ରା ଓ ଆର୍ଦ୍ରତା ଉପରେ ମଧ୍ୟ ବିଶେଷ ଧ୍ୟାନ ଦିଆଯାଉଛି।

ମହୀଶୂର ତୁଳନାରେ ନନ୍ଦନକାନନର ପରିବେଶ ଅଧିକ ଗରମ ଓ ଆର୍ଦ୍ର ହୋଇଥିବାରୁ ପ୍ରାୟ ୨୮ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରଖିବା ଉପରେ ଆଲୋଚନା ହୋଇଛି । ବର୍ତ୍ତମାନ ଓରାଙ୍ଗଉଟାନମାନେ କ୍ୱାରେଣ୍ଟାଇନ୍ ବିଭାଗର ତାପମାତ୍ରା ଓ ଆର୍ଦ୍ରତା ନିୟନ୍ତ୍ରିତ କକ୍ଷରେ ରହୁଛନ୍ତି। ଡାକ୍ତର ମଦନ କୋମପାଲଙ୍କ କହିବା ଅନୁଯାୟୀ, ଉଦ୍ଧାର ପରେ ପ୍ରାରମ୍ଭିକ ଦିନରେ କିଛି ଓରାଙ୍ଗଉଟାନଙ୍କର ଲୁଜ୍ ଷ୍ଟୁଲ୍ ଭଳି ସମସ୍ୟା ଦେଖାଦେଇଥିଲା। ତେବେ ବର୍ତ୍ତମାନ ଉପଯୁକ୍ତ ଖାଦ୍ୟ, ଯତ୍ନ ଓ ପରିଚାଳନା ଯୋଗୁଁ ସେମାନଙ୍କ ସ୍ୱାସ୍ଥ୍ୟ ଭଲ ରହିଛି । ସେହିପରି ଏହି ଓରାଙ୍ଗଉଟାନମାନେ କୌଣସି କେନ୍ଦ୍ରରୁ ଆସିଛନ୍ତି କି ପ୍ରାକୃତିକ ପରିବେଶରୁ ଆସିଛନ୍ତି, ତାହା କେବଳ ଶାରୀରିକ ଲକ୍ଷଣ ଦେଖି ନିର୍ଣ୍ଣୟ କରିବା କଷ୍ଟକର ବୋଲି ଡାକ୍ତର ମଦନ କହିଛନ୍ତି। ବିଶେଷକରି ଅଳ୍ପ ବୟସର ଓରାଙ୍ଗଉଟାନଙ୍କ କ୍ଷେତ୍ରରେ ଏହା ଅଧିକ ଚ୍ୟାଲେଞ୍ଜିଂ । ଏଥିପାଇଁ ନମୁନାର ବୈଜ୍ଞାନିକ ପରୀକ୍ଷା ଓ ଉପଯୁକ୍ତ ଡିଏନ୍‌ଏ ମ୍ୟାପିଂ ଆବଶ୍ୟକ। ଡିଏନ୍‌ଏ ପରୀକ୍ଷା ପରେ ସେମାନଙ୍କ ଉତ୍ସ ବା ପରିଚୟ ସମ୍ପର୍କରେ ଅଧିକ ସ୍ପଷ୍ଟ ତଥ୍ୟ ମିଳିପାରିବ।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**

ତାରିଖ :-୧୬/୦୯/୨୦୨୬
୪,୬୦,୧୬୫/- ଟଙ୍କା
ସୁନା:- ୦୦ ଗ୍ରାମ୍ ୩୦୦ମିଲିଗ୍ରାମ
ରୂପା:-୩୯ ଗ୍ରାମ୍ ୪୦୦ମିଲିଗ୍ରାମ

# ଆଇଆଇଟି ଭୁବନେଶ୍ୱର ଏବଂ ଆଇଆଇଟି (ଆଇଏସ୍ଏମ୍) ଧନବାଦ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

**ଭୁବନେଶ୍ୱର , ୧୬/୦୯ ନ୍ୟୁଜ ବ୍ୟୁରୋ**

ସେମିକଣ୍ଡକ୍ଟର ଏବଂ ମୌଳିକ ବିଜ୍ଞାନ କ୍ଷେତ୍ର ସମେତ ବିଭିନ୍ନ କ୍ଷେତ୍ରରେ ଗବେଷଣାଗତ ସହଯୋଗ ବୃଦ୍ଧି ଏବଂ ଶିକ୍ଷାଗତ ଆଦାନପ୍ରଦାନକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥା (ଆଇଆଇଟି) ଭୁବନେଶ୍ୱର ଏବଂ ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥା (ଇଣ୍ଡିଆନ ସ୍କୁଲ ଅଫ ମାଇନ୍ସ) ଧନବାଦ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ବୁଧବାର ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପାଦ କରମଲକର ଏବଂ ଆଇଆଇଟି (ଆଇଏସଏମ) ଧନବାଦର ନିର୍ଦ୍ଦେଶକ ପ୍ରଫେସର ସୁକୁମାର ମିଶ୍ର ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ପ୍ରଫେସର ଶୁଭ୍ରାଂଶୁ ଆର. ସାମନ୍ତରାୟ (ଡିନ୍-ପିଜି ଓ ଗବେଷଣା କାର୍ଯ୍ୟକ୍ରମ), ପ୍ରଫେସର ବିଜୟ ଶଙ୍କର ପଶୁପୁରେଡ୍ଡି (ଡିନ୍-ସ୍ପନ୍ସର୍ଡ ରିସର୍ଚ୍ଚ ଓ ଇଣ୍ଡଷ୍ଟ୍ରିଆଲ୍ କନସଲଟାନ୍ସି), ପ୍ରଫେସର ଅନିମେଶ ମଣ୍ଡଳ (ଡିନ୍-ଆଲୁମନି, କର୍ପୋରେଟ୍ ଓ ଆନ୍ତର୍ଜାତୀୟ ସମ୍ପର୍କ), ପ୍ରଫେସର ଶ୍ୟାମଳ ଚାଟାର୍ଜୀ (ଡିନ୍-କଣ୍ଟିନ୍ୟୁଇଂ ଏଜୁକେସନ୍); ପ୍ରଫେସର ଉମାପ୍ରସନ୍ନ ଓଝା (ଡିନ୍-ଫ୍ୟାକଲ୍ଟି ଆଫେୟାର୍ସ) ଏବଂ ପ୍ରଫେସର ଚନ୍ଦ୍ରଶେଖର ଏନ୍. ଭେଣ୍ଟେ (ମୁଖ୍ୟ-ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ବିଭାଗ ତଥା ସମନ୍ୱୟକାରୀ ମୁଖ୍ୟ-ସ୍କୁଲ୍ ଅଫ୍ ଇଲେକ୍ଟ୍ରିକାଲ୍ ଆଣ୍ଡ କମ୍ପ୍ୟୁଟର ସାଇନସେସ୍) ପ୍ରମୁଖ ଉପସ୍ଥିତ ଥିଲେ। ଏହି ସହଯୋଗ ମିଳିତ ଗବେଷଣା କାର୍ଯ୍ୟକ୍ରମ, ସହଯୋଗପୂର୍ଣ୍ଣ ଗବେଷଣା ପ୍ରକଳ୍ପ ଏବଂ ଡକ୍ଟରେଟ୍ ଛାତ୍ରଙ୍କ ପାରସ୍ପରିକ ତଦାରଖକୁ ସହଜ କରିବ। ଦୁଇଟି ପ୍ରତିଷ୍ଠାନ ଅଧ୍ୟାପକ ପାରସ୍ପରିକ କ୍ରିୟା ଏବଂ ଆଦାନପ୍ରଦାନ ପାଇଁ ସୁଯୋଗ ମଧ୍ୟ ଅନୁସନ୍ଧାନ କରିବେ, ଯେଉଁଥିରେ ପରିଦର୍ଶକ ଅଧ୍ୟାପକ ଏବଂ ସହାୟକ ଅଧ୍ୟାପକ ପଦବୀ ଅନ୍ତର୍ଭୁକ୍ତ, ଏବଂ ଶିକ୍ଷାଦାନ-ଶିକ୍ଷଣ ଅଧିବେଶନ, ସେମିନାର ଏବଂ ପର୍ଯ୍ୟବେକ୍ଷକ ପାଇଁ ଛାତ୍ର ଆଦାନପ୍ରଦାନ ମଧ୍ୟ ଅନ୍ତର୍ଭୁକ୍ତ। ଏମଓୟୁ ଅନୁଯାୟୀ, ପ୍ରତିଷ୍ଠାନଗୁଡ଼ିକ ମିଳିତ ଗବେଷଣା ପ୍ରକଳ୍ପ ହାତକୁ ନେବା ଏବଂ ବାହ୍ୟ ଏଜେନ୍ସିଗୁଡ଼ିକରୁ ପାଣ୍ଠି ଲୋଡିବା ପାଇଁ ସୁଯୋଗ ଅନୁସନ୍ଧାନ କରିବେ। ଆରମ୍ଭ କରିବା ପାଇଁ, ଉଭୟ ପ୍ରତିଷ୍ଠାନ ଅର୍ଦ୍ଧପରିବାହୀ ଶିଳ୍ପ କ୍ଷେତ୍ରରେ ଗବେଷଣା ସୁଯୋଗ ଅନୁସନ୍ଧାନ କରିବେ। ସେମାନେ ପରୀକ୍ଷାମୂଳକ ସମ୍ବଳର ଆଦାନପ୍ରଦାନକୁ ମଧ୍ୟ ସହଜ କରିବେ, ବୃହତ ପରିମାଣର ପରୀକ୍ଷାମୂଳକ ସୁବିଧା ବିକାଶ ଏବଂ ମିଳିତ ଭାବରେ ବ୍ୟବହାର ପାଇଁ ସମ୍ଭାବନା ଅନୁସନ୍ଧାନ କରିବେ, ଏବଂ ବିଶେଷଜ୍ଞତାର ଏକ ଅଂଶୀଦାର ଆଧାର ନିର୍ମାଣ କରିବା ଏବଂ ନିର୍ଦ୍ଦିଷ୍ଟ କେନ୍ଦ୍ରିତ କ୍ଷେତ୍ରରେ ଗବେଷଣାକୁ ତୀବ୍ର କରିବା ପାଇଁ ମିଳିତ ଆଲୋଚନା ବୈଠକ ଆୟୋଜନ କରିବେ। ଏହି ଅବସରରେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପାଦ କରମଲକର କହିଲେ: "ଆଇଆଇଟି (ଆଇଏସ୍ଏମ୍) ଧନବାଦ ସହିତ ଏହି ସହଯୋଗ ମାଧ୍ୟମରେ ଆମେ ମିଳିତ ଗବେଷଣା, ଶିକ୍ଷାଗତ ଆଦାନପ୍ରଦାନ ଏବଂ ଡକ୍ଟରାଲ୍ କାର୍ଯ୍ୟକଳାପ ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ। ଉଭୟ ଅନୁଷ୍ଠାନର ପରିପୂରକ ଦକ୍ଷତାକୁ ଏକତ୍ରିତ କରି, ଆମେ ଅର୍ଥପୂର୍ଣ୍ଣ ଗବେଷଣାମୂଳକ ସହଯୋଗକୁ ପ୍ରୋତ୍ସାହିତ କରିବା ଏବଂ ବିଭିନ୍ନ ଜ୍ଞାନ କ୍ଷେତ୍ରରେ ଜ୍ଞାନର ବିକାଶ ଘଟାଇବାକୁ ଆଶା କରୁଛୁ।" ଆଇଆଇଟି (ଆଇଏସ୍ଏମ୍) ଧନବାଦର ନିର୍ଦ୍ଦେଶକ ପ୍ରଫେସର ସୁକୁମାର ମିଶ୍ର କହିଲେ: "ଏହି ବୁଝାମଣା ପତ୍ର ଗବେଷଣା ଓ ଶିକ୍ଷା କ୍ଷେତ୍ରରେ ଗଭୀର ସହଯୋଗ ଦିଗରେ ଏକ ବୃହତ୍ତର ଯାତ୍ରାର ଶୁଭାରମ୍ଭ କରୁଛି। ଉଭୟ ଅନୁଷ୍ଠାନର ଦକ୍ଷତା ଓ ବିଶେଷଜ୍ଞତାକୁ ଏକତ୍ରିତ କରି, ଆମେ ଏପରି ଅର୍ଥପୂର୍ଣ୍ଣ ଭାଗୀଦାରୀ ଗଢ଼ିବାକୁ ଆଶା ରଖିଛୁ ଯାହା ଦୀର୍ଘସ୍ଥାୟୀ ପ୍ରଭାବ ସୃଷ୍ଟି କରିବ ଏବଂ ବିଜ୍ଞାନ ତଥା ସମାଜର ଉନ୍ନତିରେ ଯୋଗଦାନ ଦେବ।"

# କଟକକୁ ମାଡ଼ି ଆସୁଛି ବଡ଼ ବିପଦ ! ଡରାଇଲାଣି ରେଭେନ୍ସା ଗବେଷଣା ରିପୋର୍ଟ

**କଟକ, ୧୬/୦୯ ନ୍ୟୁଜ ବ୍ୟୁରୋ**

କଟକକୁ ମାଡ଼ି ଆସୁଛି ବଡ଼ ବିପଦ। ଏପଟସେପଟ ହୋଇ କଟକର ଦୁଇ ପାର୍ଶ୍ୱରେ ମହାନଦୀ ଓ କାଠଯୋଡ଼ି ବୋହି ଯାଇଥିଲେ ହେଁ କଟକରେ ଭୀଷଣ ଜଳ ସଂକଟ ଦେଖାଦେବ। ପିଇବା ପାଣି ପାଇଁ କଟକବାସୀ ହନ୍ତସନ୍ତ ହେବେ। ବେଳ ହୁଁ ସାବଧାନ ନ ହେଲେ ଏପରି ସ୍ଥିତି ବେଶୀ ଦୂର ନୁହେଁ। ରେଭେନ୍ସା ବିଶ୍ୱବିଦ୍ୟାଳୟର ଭୂ-ତତ୍ତ୍ୱ ବିଜ୍ଞାନ ବିଭାଗର ପ୍ରଫେସର ଏପରି ସତର୍କବାଣୀ ଦେବା ସହ ପ୍ରଶାସନ, ସରକାରଙ୍କୁ ଚେତାଇ ଦେଇଛନ୍ତି। ଭୂତତ୍ତ୍ୱ ବିଜ୍ଞାନ ବିଭାଗର ପ୍ରାଧ୍ୟାପକଙ୍କ ଦ୍ୱାରା ଏକ ଗବେଷଣାରୁ ଜଣାଯାଇଛି ଯେ ସହର ଚାରିପାଖେ ବେଆଇନ ବାଲି ଖାଦାନର ସାମ୍ରାଜ୍ୟ ଏବେ କଟକର ମାଟି ତଳର ଜଳଭଣ୍ଡାରକୁ ଶୂନ୍ୟ କରିଦେଲାଣି। ଗତ ଦୁଇରୁ ୩ ବର୍ଷ ହେଲା ଜଳସ୍ତର କମି କମି ଯାଉଛି। ବିଶେଷକରି, କାଠଯୋଡ଼ି ଓ ଆଖପାଖ ଅଞ୍ଚଳରେ ଏଭଳି ସଙ୍କଟ ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି। ସେହିଭଳି କାଠଯୋଡ଼ି ଏବଂ ମହାନଦୀରେ ବାଲିଚର କ୍ରମଶଃ ହ୍ରାସ ପାଉଛି। ଯାହାଦ୍ୱାରା ଦୁଇ ନଦୀ ମଧ୍ୟରେ ଥିବା ବଡ଼ବଡ଼ ସେତୁଗୁଡ଼ିକ ପ୍ରତି ବିପଦର ଆଶଙ୍କା ସୃଷ୍ଟି ହୋଇଛି। ଏବେଠାରୁ ପ୍ରଶାସନ ଏଥିପ୍ରତି ସତର୍କ ନ ହେଲେ, କଟକ ସହରବାସୀ ଓ ଉପକଣ୍ଠ ଅଞ୍ଚଳରେ ଲୋକମାନେ ପିଇବା ପାଣି ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେବେ ବୋଲି ଜଣାପଡ଼ିଛି। ରିପୋର୍ଟରେ କୁହାଯାଇଛି, ନଦୀଗୁଡ଼ିକରୁ ସୀମାହୀନ ବାଲି ଉତ୍ତୋଳନ ଯୋଗୁଁ ଜୈବିକ ପ୍ରକ୍ରିୟା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ବାଲି ସ୍ତର କମିବା ଦ୍ୱାରା ବର୍ଷା ଜଳ ମାଟି ଭିତରକୁ ଶୋଷି ହୋଇ ଯାଇପାରୁ ନାହିଁ। କାଠଯୋଡ଼ିରେ ୨୦୨୪ ଏବଂ ୨୦୨୫ ମସିହାରେ ସର୍ବାଧିକ ୨.୮୬୨ ବର୍ଗ କିଲୋମିଟର ପର୍ଯ୍ୟନ୍ତ ବାଲି ଉତ୍ତୋଳନ କରାଯାଇଛି । ୨୦୧୭-୨୦୧୮ରେ ୨ ବର୍ଗ କିଲୋମିଟର, ୨୦୧୯ରେ ୧.୫ରୁ ୨ ବର୍ଗ କିଲୋମିଟର, ୨୦୨୦ରେ ୧.୫ରୁ ୧.୮ ବର୍ଗ କିଲୋମିଟର, ୨୦୨୧ରେ ୧.୫ ରୁ ୧.୬ ବର୍ଗ କିଲୋମିଟର ଥିବା ବେଳେ ୨୦୨୨ରୁ ଏହା ସର୍ବାଧିକ ୨ ବର୍ଗ କିଲୋମିଟରରୁ ୨.୮୬୨ ବର୍ଗ କିଲୋମିଟର ପର୍ଯ୍ୟନ୍ତ ବାଲି ଉତ୍ତୋଳନ ହୋଇଛି। ବିଶେଷକରି କାଠଯୋଡ଼ିରେ ଥିବା ସେତୁ ନିକଟବର୍ତ୍ତୀ ଅଞ୍ଚଳରୁ ଅଧିକ ବାଲି ଉତ୍ତୋଳନ କରାଯାଇଛି। ଏହାଦ୍ୱାରା ଭୂତଳ ଜଳସ୍ତର ପ୍ରଭାବିତ ହୋଇଛି। ଗବେଷଣାରୁ ଜଣାପଡ଼ିଛି ଯେ ୨୦୧୭ରୁ ୨୦୧୯ ପର୍ଯ୍ୟନ୍ତ ଭୂତଳ ଜଳସ୍ତର ଷ୍ଟାଣ୍ଡାର୍ଡ ଲାଇନର ଉପରେ ରହିଥିଲା। କିନ୍ତୁ ୨୦୨୧ ଜାନୁଆରୀଠାରୁ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ଯଦି ଏହି ବାଲି ଲୁଟ୍ ଉପରେ ତୁରନ୍ତ ରୋକ ନ ଲଗାଯାଏ, ତେବେ କଟକରେ ଜଳାଭାବ ପରିସ୍ଥିତି ଅତି ଭୟଙ୍କର ରୂପ ନେବ। ପ୍ରଫେସର ଡ. ସନ୍ଦୀପ ନାରାୟଣ କୁଣ୍ଡୁଙ୍କ ତତ୍ତ୍ୱାବଧାନରେ ସହଯୋଗୀ ନୀହାର ରଞ୍ଜନ ସାହୁ ଏ ଦିଗରେ ଗବେଷଣା କରିଛନ୍ତି। ବିଶେଷକରି, ଉପଗ୍ରହ ଚିତ୍ର ଓ ଜିଓଗ୍ରାଫିକ୍ ଇନ୍‌ଫର୍ମେସନ୍ ସିଷ୍ଟମ (ଜିଆଇଏସ) ଦ୍ୱାରା ନଦୀର ପରିବର୍ତ୍ତନଶୀଳ ଗତିପଥ ବିଷୟରେ ଅଧ୍ୟୟନ ଜାରି ରଖିଛନ୍ତି। ସେମାନେ ନରାଜ ଓ ଯୋବ୍ରା ବ୍ୟାରେଜ୍ ମଧ୍ୟବର୍ତ୍ତୀ ସୀମିତ ଅଞ୍ଚଳରେ ନଦୀ ପଥ ପରିବର୍ତ୍ତନ ଏବଂ ବାଲିଚର ସ୍ଥାନାନ୍ତରଣ ଢାଞ୍ଚା ଉପରେ ଗବେଷଣା କରିଛନ୍ତି। ଏଠାରେ ବାଲିଚରର ଦ୍ରୁତ ପରିବର୍ତ୍ତନ ଘଟୁଥିବା ଉପଗ୍ରହ ଚିତ୍ରରୁ ଜଣାପଡ଼ିଛି। ବାଲିର ଘନତ୍ୱ ହ୍ରାସ ପାଉଛି ଏବଂ ଅଳ୍ପ ସମୟ ମଧ୍ୟରେ ଦ୍ରୁତ ଜଳ ପ୍ରବାହ ବୃଦ୍ଧି ପାଉଛି। ଗତ ୩୦ ବର୍ଷ ତୁଳନାରେ ସର୍ବାଧିକ ବାଲିଚର କ୍ଷେତ୍ର ହ୍ରାସ ପାଉଛି। ବାଲିଚର ଦ୍ରୁତ କ୍ଷୟ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଥିବା ସେତୁଗୁଡ଼ିକୁ ମଧ୍ୟ କ୍ଷତି ପହଞ୍ଚାଇବାର ଆଶଙ୍କା ରହିଛି।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସୂ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com